### ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ସମାଧାନ

ରାଇରଙ୍ଗପୁର, ୮।୬(ସମିସ)



ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାରଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଓ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ରବୀନ୍ଦ୍ର ନାଥ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିବାବେଳେ ୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଆଜି ଆୟୋଜିତ ଶିବିରରେ ୧୦୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରେ ୮୩ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଓ ୨୨ଟି ବିଭିନ୍ନ ସାମୂହିକ ଅଭିଯୋଗ ଥିଲା। ୧୦୫ଟି ଅଭିଯୋଗ ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଉଡ଼ା ଖୁଣ୍ଟ ନାଁରେ ଶାଳ ଗଛ କାଟିବା ଉଦ୍ୟମ

# ବନ ବିଭାଗର ହସ୍ତକ୍ଷେପରେ ବନ୍ଦ




**ରାସଗୋବିନ୍ଦପୁର, ୮।୬(ସମିସ):** ଉଡ଼ା ପର୍ବ ପାଇଁ ଖୁଣ୍ଟ ଯୋଗାଡ଼ ନାମରେ ଜଙ୍ଗଲରୁ ଶାଳ ଗଛ କାଟିବା ଉଦ୍ୟମକୁ ବନ ବିଭାଗ ବାରଣ କରିଥିବା ଘଟଣା ସାମ୍ନାକୁ ଆସିଛି। ବେତନାଶିଆ ଗ୍ରାମର ମାନସ ବେହେରା ବାସୁ ଚକୁରାଇ ପଞ୍ଚାୟତ ଅନ୍ତର୍ଗତ ଭଗିଚକୁରାଇ ଗ୍ରାମରେ ଆୟୋଜିତ ହେବାକୁ ଥିବା ଉଡ଼ା ପର୍ବ ପାଇଁ ଆବଶ୍ୟକ ଖୁଣ୍ଟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ବେତନାଶିଆ ଶାଳ ଜଙ୍ଗଲରୁ ଏକ ଶାଳ ଗଛ କାଟିବାକୁ ଅନୁମତି ମାଗି ସ୍ଥାନୀୟ ନାକିଛୁଆ ଫୋରେଷ୍ଟର ମାଳତୀ ସିଂଙ୍କ ନିକଟରେ ଲିଖିତ ଆବେଦନ କରିଥିଲେ। ଉକ୍ତ ଆବେଦନରେ ସେ ଡବ୍ଲୁବି ୩୧୧୪୭୭୧ ନମ୍ବର ବିଶିଷ୍ଟ ଗାଡ଼ିରେ ଶାଳ କାଠ ପରିବହନ କରିବା ବିଷୟ ମଧ୍ୟ ଉଲ୍ଲେଖ କରିଥିଲେ। ତେବେ ବନ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ କୌଣସି ଅନୁମତି ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଅନୁମତି ନ ମିଳିଥିଲେ ମଧ୍ୟ ମାନସ ବେହେରା ସେହି ଆବେଦନପତ୍ରକୁ ଅନୁମତି ଭାବେ ଦର୍ଶାଇ ଶାଳ ଗଛ କାଟିବାକୁ ଉଦ୍ୟମ କରୁଥିଲେ। ଏ ନେଇ ଖବର ପାଇ ରେଞ୍ଜର ଘନଶ୍ୟାମ ସିଂ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରିଥିବା ସୂଚନା ମିଳିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ବନ ସମ୍ପଦ ସୁରକ୍ଷା ପ୍ରତି ବନ ବିଭାଗର ତତ୍ପରତାକୁ ସାଧାରଣରେ ପ୍ରଶଂସା କରାଯାଉଛି।

### ରାଜ୍ୟସ୍ତରୀୟ ଖେଳକୁଦ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ସଫଳତା

# ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ




**ବାରିପଦା, ୮।୬(ସମିସ):** ଓଡ଼ିଶା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ୭୨ତମ ରାଜ୍ୟସ୍ତରୀୟ ଖେଳକୁଦ ଚାମ୍ପିଅନସିପରେ ମୟୂରଭଞ୍ଜ ୧୫ଟି ପଦକ ହାସଲ କରିଥିବା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ୨୦ ବର୍ଷରୁ କମ୍ ୧୧୦ ମିଟର ହାଡଲ୍ସ ଓ ଲମ୍ବଡିଆଁରେ ବିଶ୍ୱଜିତ ଦାସ ଓ ୫ କିମି ୱାକିଙ୍ଗରେ ସଲକ ସାୟ, ୨୩ ବର୍ଷରୁ କମ୍ ୪୦୦ ମିଟର ଦୌଡ଼ରେ ରାଜେଶ୍ୱରୀ ସିଂ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୨୦ ବର୍ଷରୁ କମ୍ ୫ କିମି ୱାକିଙ୍ଗରେ ଆଶୁତୋଷ ସିଂ, ୨୩ ବର୍ଷରୁ କମ୍ ୫ ହଜାର ମିଟର ଦୌଡ଼ ଓ ୧୫୦୦ ମିଟର ଦୌଡ଼ରେ ପଙ୍କଜ ସୋରେନ, ପୁରୁଷ ବିଭାଗ ୧୦ କିମି ୱାକିଂରେ ଦଲନ ଚନ୍ଦ୍ର କୁଁଅରଦେଓ ଓ ୧୦ କିମି ଦୌଡ଼ରେ ଆସ୍ମାନ ପୂର୍ତ୍ତି ରୌପ୍ୟ ପଦକ ଏବଂ ୨୦ ବର୍ଷରୁ କମ ୧୧୦ ମିଟର ହାଡଲ୍ସରେ ସୁରେନ୍ଦ୍ର ବାଦ୍ରା ଓ ଲମ୍ବଡିଆଁରେ ପୁଷ୍ପାବତୀ କିସ୍କୁ, ୨୩ ବର୍ଷରୁ କମ ଡେକାଥଲନରେ ରଳିଆ ମୁର୍ମୁ, ୮୦୦ ମିଟର ଦୌଡ଼ରେ ରାଜେଶ୍ୱରୀ ସିଂ, ୧୦ କିମି ଦୌଡରେ ସାନି ଟୁଡୁ, ୩ ହଜାର ମିଟର ଟ୍ରିପଲ ଚେଜ୍‌ରେ ବାସୁମତୀ ସୟନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାରୋହ



**ରାଇରଙ୍ଗପୁର, ୮।୬(ସମିସ):** କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାରୋହ ରାଇରଙ୍ଗପୁରସ୍ଥ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଛି। ହୋ ଜ୍ଞାନ ବାଗାନ ଚ୍ୟାନେଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପାଇଁ ସମଗ୍ର ହୋ ସମାଜ, କୁନି କୁନି ମେଧାବୀ ଛାତ୍ରଛାତ୍ରୀ ହୋ ଜ୍ଞାନ ବାଗାନ ଅନୁଷ୍ଠାନକୁ ଧନ୍ୟବାଦ ଅର୍ପଣ କରାଯାଇଛି। ବିଧାୟକ ଶ୍ରୀ ନାଏକ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ହୋ ଜ୍ଞାନ ବତୀ ସମ୍ମାନରେ ସମ୍ମାନିତ କରିବା ସହ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡର ୪୦ରୁ ଊର୍ଦ୍ଧ୍ୱ ମେଧାବୀ ହୋ ଆଦିବାସୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦିବ୍ୟଜ୍ୟୋତି ସାଣ୍ଡିଲଙ୍କୁ ଦ୍ୱିତୀୟଥର ସମ୍ମାନଜନକ 'ହୋ ଜ୍ଞାନବତୀ ସମ୍ମାନ'ରେ +୨ରେ କୃତିତ୍ୱ ପାଇଁ ସମ୍ମାନିତ କରାଯାଇଛି। ୨୦୨୪ ଦଶମ ବୋର୍ଡ଼ ପରୀକ୍ଷାରେ ମଧ୍ୟ କୃତିତ୍ୱ ଅର୍ଜନ କରି ଏହି ସମ୍ମାନରେ ସମ୍ମାନିତ ହେଇଥିଲେ। ଉକ୍ତ କାର୍ଯକ୍ରମରେ ହୋ ସମାଜ ବୁଦ୍ଧିଜୀବୀ ଓ ହୋ ଜ୍ଞାନ ବାଗାନର ସଂସ୍ଥାପକ ଗୋମେୟା ଅର୍ମ, ପୁନମ ପୂର୍ତ୍ତି, ବାବଲୁ ପୂର୍ତ୍ତି, କଳ୍ପନା ବାଗେ, ଚନ୍ଦ୍ରିକା କଣ୍ଡାଙ୍ଗକେଲ, ବିରସିଂ ହେମ୍ବ୍ରମ ଓ ସୁବାସ ପୂର୍ତ୍ତି ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ୩ ମହିଳା କଂଗ୍ରେସ ନେତ୍ରୀ ଅଟକ



**ବାରିପଦା, ୮।୬(ସମିସ):** ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦିନିକିଆ ବାରିପଦା ଗସ୍ତ ପୂର୍ବରୁ ମୟୂରଭଞ୍ଜ ପୁଲିସ ଜିଲ୍ଲା ମହିଳା କଂଗ୍ରେସର ୩ ଜଣ କର୍ମକର୍ତ୍ତାଙ୍କୁ ଅଟକ ରଖି ଛାଡିଦେଇଛି। ମହିଳା କଂଗ୍ରେସ ଜିଲ୍ଲା ସଭାପତି ରଶ୍ମିତା ମିଶ୍ର, ଇତିଶ୍ରୀ ମିଶ୍ର ଓ ପିଙ୍କି ମହାପାତ୍ର ବାରିପଦା ଟାଉନ ଥାନାରେ ଅଟକ ଥିଲେ। ଏ ସମୟରେ ସେମାନଙ୍କୁ ସୌଜନ୍ୟମୂଳକ ଭାବେ ପୂର୍ବତନ ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦକ ଶୁଭସ୍ମିତା ଦାସ, ବରିଷ୍ଠ ନେତା ଶାନ୍ତନୁ ପାଲ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଦୀପକ ଦାଶ, ଉପସଭାପତି ନିର୍ମଳ ପ୍ରଧାନ, ରତନ ଶର୍ମା, ରାମ ରତନ ମହାନ୍ତ ଓ ପୂର୍ବତନ କୁଳିଅଣା ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ ନାୟକ ପ୍ରମୁଖ ସାକ୍ଷାତ କରିଥିଲେ। ପୁଲିସର ଏଭଳି ପଦକ୍ଷେପକୁ ନିନ୍ଦା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ ସଦସ୍ୟ

# ମୟୂରଭଞ୍ଜକୁ ପେଟ୍ରୋଲ, ଡିଜେଲ ଯୋଗାଣ ସ୍ୱାଭାବିକ ଦାବି



**ବାରିପଦା, ୮।୬(ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ପେଟ୍ରୋଲ ଓ ଡିଜେଲ ଯୋଗାଣ ସଙ୍କଟଜନିତ ସମସ୍ୟା ନେଇ ମୟୂରଭଞ୍ଜ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦିନିକିଆ ବାରିପଦା ଗସ୍ତ ସମୟରେ ଜିଲ୍ଲା ଆସୋସିଏସନ ସଭାପତି ସତୀଶ କୁମାର ସାହୁଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଓମ ପ୍ରକାଶ ଅଗ୍ରୱାଲ, ସିଦ୍ଧାର୍ଥ ଅଗ୍ରୱାଲ, ବ୍ରଜମୋହନ ବେହେରା, ରବି ବେହେରା, ଦେବାଶିଷ ପଣ୍ଡା, ଏସଏସ ମୁର୍ମୁ ଓ ଦୀନଦୟାଲ ସାହା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ମେ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥିବା ଯୁଦ୍ଧ ଯୋଗୁଁ ପେଟ୍ରୋଲିୟମ ଉତ୍ପାଦର ଯୋଗାଣ ଶୃଙ୍ଖଳା ବ୍ୟାପକ ଭାବେ ବ୍ୟାହାତ ହୋଇଛି। ଫଳରେ ଜିଲ୍ଲାରେ ପେଟ୍ରୋଲ ପମ୍ପଗୁଡ଼ିକ ପ୍ରାୟତଃ ଖାଲି ହୋଇଯାଉଛି ଓ ଗ୍ରାହକମାନେ ଆତଙ୍କିତ ହୋଇ କ୍ରୟ କରୁଛନ୍ତି। ମୂଲ୍ୟ ବୃଦ୍ଧି ମଧ୍ୟ ହୋଇଛି। ମୟୂରଭଞ୍ଜ ରାଜ୍ୟର ସର୍ବବୃହତ୍ତମ ଆଦିବାସୀ ଜିଲ୍ଲା ହୋଇଥିବାରୁ ଏଠାରେ ବଡ଼ ଶିଳ୍ପ ନାହିଁ। ପେଟ୍ରୋଲିୟମ ଉତ୍ପାଦ କେବଳ ସ୍ଥାନୀୟ ଗ୍ରାହକ ଆବଶ୍ୟକତା ଓ ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦରକାର। କିନ୍ତୁ ଯୋଗାଣ ଅନିୟମିତତା ଯୋଗୁଁ ରାସ୍ତା ନିର୍ମାଣ, ଛୋଟ ଉଦ୍ୟୋଗ, ଖଣି, କ୍ରସର ୟୁନିଟ୍ ଓ କୃଷି କାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଖରିଫ୍ ଋତୁ ଚାଲୁଥିବାରୁ କୃଷକମାନେ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ପାଇଁ ଇନ୍ଧନ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବ୍ୟାରେଲ୍, ଅନଅଥରାଇଜ ଟ୍ୟାଙ୍କର ଆଦିରେ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଥିବାରୁ କୃଷକମାନେ ଛୋଟ ପାତ୍ରରେ ଇନ୍ଧନ ନେଇ କୃଷି ସ୍ଥଳକୁ ଯିବାରେ ଅସୁବିଧା ହେଉଛି। ଏଣୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ଯେ, ଜିଲ୍ଲାର ସମସ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇ ସୁନିୟନ୍ତ୍ରିତ ଓ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରନ୍ତୁ। କୃଷକମାନଙ୍କୁ ସୁରକ୍ଷିତ ଭାବେ କୃଷି କାର୍ଯ୍ୟ ଚଳାଇବା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ମାରିସା




**ବାରିପଦା, ୮।୬(ସମିସ):** ସ୍ୱାସ୍ଥ୍ୟ କ୍ଷେତ୍ରରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ରଙ୍ଗାମାଟିଆସ୍ଥ ନୂତନ ଶିକ୍ଷାଦାନ ହସ୍ପିଟାଲକୁ ସୁଗମ ସ୍ଥାନାନ୍ତର ଓ ସେଠାରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ବ୍ୟବସ୍ଥାର ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିଥିବାରୁ ମାରିସା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏ ନେଇ ସ୍ଥାନୀୟ ତକତପୁରସ୍ଥ ହୋଲି ପ୍ୟାଲେସ ସମ୍ମିଳନୀ କକ୍ଷରେ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସଭାପତିତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ପିଆରଏମ ସ୍ଥାନାନ୍ତର ଓ ସେଠାରେ କାର୍ଯ୍ୟକ୍ଷମତାକୁ ଦୃଷ୍ଟିରେ ରଖି ଅନେକଥର ଆନ୍ଦୋଳନ କରାଯାଇଥିଲା। ଦୀର୍ଘଦିନର ଆନ୍ଦୋଳନ ସଫଳ ହୋଇଥିବାରୁ ଆଜି ସମଗ୍ର ଜିଲ୍ଲା ତଥା ବାରିପଦା ଅଞ୍ଚଳରେ ଖୁସିର ଲହରି ଖେଳିଯିବା ସହ ମନରେ ନୂତନ ଆଶା ସଞ୍ଚାର କରିଛି। ଏହାଦ୍ୱାରା କେବଳ ମୟୂରଭଞ୍ଜ ନୁହେଁ, ବରଂ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟର ରୋଗୀ ମଧ୍ୟ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ପାଇପାରିବେ। କିନ୍ତୁ ଅତ୍ୟନ୍ତ ଦୁଃଖର ସହ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି 'ଅଲଚିକି' ଲିପି ମେଡିକାଲ କଲେଜ ମୁଖ୍ୟ ଫାଟକର ନାମଫଳକରେ ସ୍ଥାନ ପାଇନାହିଁ। ପଣ୍ଡିତ ରଘୁନାଥ ମୁର୍ମୁ ମୟୂରଭଞ୍ଜ ମାଟିର ସନ୍ତାନ। ତାଙ୍କ ଦ୍ୱାରା ଅଲଚିକି ଲିପି ସୃଷ୍ଟି ତାଙ୍କର ନିଜସ୍ୱ ମାତୃଭୂମିରେ ଓଡ଼ିଶା ସରକାର ଅଲଚିକି ଲିପିକୁ ସ୍ୱୀକୃତି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଏହା ଅଲଚିକି ଲିପିର ସ୍ରଷ୍ଟା ଆଦିବାସୀ ମହାପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସିଧାସଳଖ ଅସମ୍ମାନ କରାଯାଇଛି। ତତ୍‌ସହିତ ମେଡିକାଲ କଲେଜ ପରିସରରେ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନୁହେଁ। ଏହାକୁ ନେଇ ପୂର୍ବରୁ ମାରିସା ଓ ମୁଖ୍ୟ ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ପ୍ରତିମୂର୍ତ୍ତିକୁ ବଦଳାଯାଇନାହିଁ। ତେଣୁ ମେଡିକାଲ ସମ୍ମୁଖରେ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ପ୍ରତିସ୍ଥାପନ କରାଯିବା ସହ ମୁଖ୍ୟ ଫାଟକର ନାମଫଳକରେ ଉଭୟ ଇଂରାଜୀ ଓ ଓଡ଼ିଆ ସମେତ ଅଲଚିକିରେ ଲେଖାଯିବାକୁ ମାରିସା ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏ ଅବସରରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ସୁନ୍ଦର ମୋହନ ହେମ୍ବ୍ରମ, ବ୍ରଜ ଗୋପାଳ ନାଏକ, ଲିଲିମଣୀ ମାରାଣ୍ଡି, ମିନତୀ ବାସ୍କେ, ହାଁସୁ ସିଂ, ରବୀନ୍ଦ୍ର ମାରାଣ୍ଡି, ବିକ୍ରମ ସୋରେନ, ସରୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ

# ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଜନ୍ମେଞ୍ଜୟ



**ବାରିପଦା, ୮।୬(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜର ସ୍ଥାନ ସୁଦୃଢ଼ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଗବେଷଣା ପ୍ରକାଶନ, ଉଦ୍ଧୃତି ପ୍ରଭାବ ଓ ବୈଜ୍ଞାନିକ ଅବଦାନ ଆଧାରରେ ପ୍ରସ୍ତୁତ ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ବଢୁଥିବା ଗବେଷଣା ସାମର୍ଥ୍ୟକୁ ପ୍ରତିଫଳିତ କରିଛି। ଶୁକ୍ରବାର ପ୍ରକାଶିତ ୨୦୨୫ ସାଇନ୍ସ-ର୍ୟାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି ଦ୍ୱାରା ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସେ ଏହି ସ୍ଥାନ ଅଧିକାର କରି ଏହି ସମ୍ମାନ ଲାଭ କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଇମେଜ୍ ପ୍ରସେସିଂ କ୍ଷେତ୍ରରେ ତାଙ୍କର ବହୁମୁଖୀ ଅବଦାନ ଓ ଉଲ୍ଲେଖନୀୟ ଗବେଷଣା କରି ସେ ଏହି ସଫଳତା ଲାଭ କରିଛନ୍ତି। ଡ ଜନ୍ମେଞ୍ଜୟ ନାୟକ କ୍ରମାଗତ ଭାବେ ସଫଳତା ପାଇଛନ୍ତି। ୨୦୨୫ରେ ମଧ୍ୟ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର ଦ୍ୱାରା ପ୍ରକାଶିତ ଗବେଷକ ର୍ୟାଙ୍କିଂରେ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଥିଲେ। ଡ ନାୟକଙ୍କ ଏହି ସଫଳତା ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସଂଗ୍ରାମଜିତ ପଣ୍ଡା, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଶିବାଶୀଷ କର, ତ୍ରିଶିକା ଫାଉଣ୍ଡେସନର ସମ୍ପାଦକ ଡ ଶିଶିର ବେହେରା, ପରିବେଶବିତ୍ ତ୍ରିଲୋଚନ ସାହୁ, ତତ୍ତ୍ୱମସି ପ୍ରତିଷ୍ଠାନ, ବାରିପଦାର ସଭାପତି ରାଜେନ୍ଦ୍ର ସାମଲଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ବସ୍‌ଷ୍ଟାଣ୍ଡରେ ମଦ ଦୋକାନ ବନ୍ଦ ଦାବି



**ରାଇରଙ୍ଗପୁର, ୮।୬(ସମିସ):** ରାଇରଙ୍ଗପୁର ବସଷ୍ଟାଣ୍ଡରେ ବିଦେଶୀ ମଦ ଦୋକାନ ଯୋଗୁଁ ଅପ୍ରୀତିକର ପରିବେଶ ସୃଷ୍ଟ ହେଉଛି। ଯାହାକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ଦାବି ହୋଇଛି। ବାମନଘାଟି ଉପଖଣ୍ଡସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଆଦିବାସୀ ଛାତ୍ର ସଂଗଠନ ମାସା ପକ୍ଷରୁ ଦାବି କରାଯାଇଛି। ଶିକ୍ଷାନୁଷ୍ଠାନ ଓ ଜନଗହଳିପୂର୍ଣ୍ଣ ସ୍ଥାନ ନିକଟରେ ଉକ୍ତ ମଦ ଦୋକାନ ଥିବାରୁ ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଲୋକ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଫଳରେ ଅଞ୍ଚଳରେ ସାମାଜିକ ପରିବେଶ ମଧ୍ୟ ପ୍ରଭାବିତ ହେଉଥିବା କୁହାଯାଇଛି। ଏ ପ୍ରସଙ୍ଗରେ ଅବକାରୀ ବିଭାଗ ପକ୍ଷରୁ ଆସନ୍ତା ୩୦ ତାରିଖ ସୁଦ୍ଧା ଦୋକାନ ବନ୍ଦ କରାଯିବ ବୋଲି ଆଶ୍ୱାସନା ଦିଆଯାଇଛି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୋକାନ ବନ୍ଦ ନ ହେଲେ, ମାସା ସଂଗଠନ ପକ୍ଷରୁ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମାସା ସଂଗଠନ ବାମନଘାଟି ସଭାପତି ସୁନୀଲ ସୋରେନ, ଲକ୍ଷ୍ମଣ ଟୁଡୁ, ମାସଙ୍ଗ ହେମ୍ବ୍ରମ, ବିଡାର ସୋରେନ, ଭୁଲା ମୁର୍ମୁ ଓ କୁନାଲ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ବାରିପଦା, ୮।୬(ସମିସ)



କୁଡୁମୀ ଶିକ୍ଷକ ମଞ୍ଚ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାରିପଦାର ସହିଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ଉକ୍ତ ମେଧାବୀ ସମ୍ବର୍ଦ୍ଧନା ସମାବେଶକୁ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ କୁଡୁମୀ ଛାତ୍ରଛାତ୍ରୀ ଦିନକୁ ଦିନ ଝଟକି ଉଠୁଥିବା କଥା କହିଥିଲେ। ମୁଖ୍ୟବକ୍ତା ଭାବେ ହିନ୍ଦୁସ୍ଥାନ ସମାଚାରର ବ୍ୟୁରୋ ଚିଫ୍ ଦୀପକ କୁମାର ମହାନ୍ତ ଯୋଗଦେଇ ସ୍ୱାଭିମାନୀ କୁଡୁମୀ ଜାତି ସ୍ୱାଧୀନତା ଆନ୍ଦୋଳନଠାରୁ ଆଜି ପର୍ଯ୍ୟନ୍ତ ଦେଶମାତୃକାର ସେବା କରିଆସୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବାମନଘାଟୀ ଉପଖଣ୍ଡର ସହକାରୀ ଜିଲ୍ଲାପାଳ ଅନୀତାରାଣୀ ମହାନ୍ତ, କଟକର କ୍ୟାନସର ସ୍ପେସିଆଲିଷ୍ଟ ଡା ଦିବ୍ୟେନ୍ଦୁ ମହାନ୍ତ, ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଭାଶ ମହାନ୍ତ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବାରିପଦା ମୁଖ୍ୟାଳୟର ମ୍ୟାନେଜର ସାମନ୍ତସିଂହାର ମହାନ୍ତ, ଲେଖକ ତଥା ଶିକ୍ଷାବିତ ପ୍ରକୃତିବନ୍ଧୁ କ୍ଷେତ୍ରବାସୀ ମହାନ୍ତ ଓ ଆନ୍ତର୍ଜାତିକ ମୁଦ୍ରାବିତ ତଥା ପ୍ରତ୍ନତାତ୍ତ୍ୱିକ କବିଚନ୍ଦ୍ର ମହାନ୍ତ ଯୋଗଦେଇ ମାର୍ଗଦର୍ଶନ କରିଥିଲେ।

ସଂଗଠନର ରାଜ୍ୟ ସଭାପତି ଶିଉଲାଲ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରାଜକିଶୋର ମହାନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ କରିଥିଲେ। ଏ ଅବସରରେ ଚଳିତ ବର୍ଷର ମାଟ୍ରିକ ଟପ୍ପର ପାର୍ଥସାରଥି ମହାନ୍ତଙ୍କୁ ଶିକ୍ଷାବିତ ଟଙ୍କଧର ମହାନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ମାଟ୍ରିକ ସିବିଏସଇ ବୋର୍ଡ ପାଇଁ ମୃତ୍ୟୁଞ୍ଜୟ ମହାନ୍ତ ସ୍ମୃତି ସମ୍ମାନ, +୨ ବିଜ୍ଞାନ ପାଇଁ ମିଲନଦେବୀ ସ୍ମୃତି ସମ୍ମାନ, +୨ କଳା ପାଇଁ କୈଳାସ ଚନ୍ଦ୍ର ମହାନ୍ତ ସ୍ମୃତି ସମ୍ମାନ ଓ +୩ ପାଇଁ ଶରତ କୁମାର ମହାନ୍ତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ବାପି କୁମାର ମହାନ୍ତ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ମାନପତ୍ର ପାଠ କରିଥିଲେ। ରାଜ୍ୟ ସମ୍ପାଦକ କେଶବ କୃଷ୍ଣ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଝୁମରରାଣୀ ବିନ୍ଦୁ ମହାନ୍ତଙ୍କ ଦଳ ନୃତ୍ୟ ପରିବେଷଣ କରିଥିଲେ। ଏ ଅବସରରେ ୨୬୪ ଜଣ ମେଧାବୀ କୁଡୁମୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ୧୦ ଜଣ କୃତୀ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ଓଏଏସ ପାଇଥିବା ସୁନ୍ଦରଗଡ଼ର ସନ୍ଦୀପ କୁମାର ମହାନ୍ତଙ୍କ ପିତା ଦୈତାରୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅଳ୍ପଦିନ ତଳେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଂଗଠନର ପୂର୍ବତନ ରାଜ୍ୟ ସମ୍ପାଦକଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କେନ୍ଦୁଝର ଜିଲ୍ଲା ସଭାପତି ଖଗେଶ୍ୱର ମହାନ୍ତ, ଅଧ୍ୟାପକ ଯୋଗେଶ୍ୱର ମହାନ୍ତ, ଶିଶିର କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅଧ୍ୟାପକ ଭୁବନ ମହାନ୍ତ, ବିଜୟ କୁମାର ମହାନ୍ତ, ବିଶ୍ୱନାଥ ମହାନ୍ତ, ଡମ୍ବରୁଧର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ବିଶ୍ୱମ୍ବର ମହାନ୍ତ ଓ ବାବୁଲି ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍-ଟ୍ରେଲର୍ ମୁହାଁମୁହିଁ ଧକ୍କା; ୩୦ ଆହତ, ୫ ଗୁରୁତର



ତୁରୁମୁଙ୍ଗା,୮।୬(ସମିସ)

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବାଉଁଶୁଳି-ଉଖୁଣ୍ଡା ରାସ୍ତାର ଭଉଁରପୁର ନିକଟରେ ସୋମବାର ପ୍ରାୟ ୨ ଟା ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। 'ସାହୁ' ନାମକ ଏକ ଘରୋଇ ବସ୍ ଓ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବସ୍‌ରେ ଥିବା ୫ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଗୁରୁତର ମାନେ ହେଲେ ବାରିଆ ଥାନା ଛେଳିଆନାଳ ଗ୍ରାମର ବିଦ୍ୟାଧର ନାଏକ, ଏବଂ ସୁଜାତା ମହାନ୍ତ, ବାର୍ହାପଶି ଗ୍ରାମର ଲକ୍ଷ୍ମୀ ଦେଇ, କାଶୀପୁରର ପୁରୁଷୋତ୍ତମ ନାଏକ ଓ ଛେଳିଆନାଳ ଗ୍ରାମର ମଉଜ ନାଏକ ବୋଲି ଜଣାପଡ଼ିଛି। ବିଦ୍ୟାଧର କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ କେନ୍ଦୁଝର ବୋହୂଙ୍କ ସହ ମେଡିକାଲରୁ ଡାଏଲିସିସ୍ ସାରି ବସ ଯୋଗେ ଫେରୁଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି ଆହତ ଓ ଗୁରୁତର ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ଘଟିଥିବା ସ୍ଥାନଟି ବୁଲାଣି ରାସ୍ତା ହୋଇଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସୁରକ୍ଷା ସଙ୍କେତ ଓ ସଚେତନତା ଚିହ୍ନ ନଥିବାରୁ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନହାନି ହେଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗର ଏହି ବାଉଁଶୁଳି-ସାତକୁଟୁଣିଆ ରାସ୍ତାରେ ଭାରି ଗାଡ଼ି ଚଳାଚଳର ନିୟମ ନଥିବା ବେଳେ ଟୋଲ ଟାକ୍ସ ଫାଙ୍କି ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଭାରି ଯାନ, ଆଇରନ ବୋଝେଇ ଟ୍ରକ ବାଲି ବୋଝେଇ ହାଇବା ଯା ଆସ କରୁଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ସାଇଁକୁଳରେ ଯବାନଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୮।୬(ସମିସ): ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମର ରବୀନ୍ଦ୍ର ପଣ୍ଡା ଓ ମମତା ପଣ୍ଡାଙ୍କ ପୁତ୍ର ରୁଦ୍ରାଂଶୁ ପଣ୍ଡା ଭାରତୀୟ ସେନାରେ ସାମିଲ ହୋଇ ପାରିଛନ୍ତି। ଏଥିପାଇଁ ତାଙ୍କୁ ନିଜ ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଗାଁ'ର ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ପ୍ରଦୀପ କୁମାର ଚକ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସନତ ରଥ ଓ ଯୁବ ସମାଜସେବୀ ତଥା ଅବସରପ୍ରାପ୍ତ ସେନା ସୁବେଦାର ସନ୍ତୋଷ ସ୍ୱାଇଁ ଯୋଗ ଦେଇଥିଲେ। ଏହି ସଭାରେ ଡ. ରଥ ଆଜିର ଯୁବସମାଜକୁ ସୋସିଆଲ ମିଡିଆ ତଥା ରାଜନୀତିରେ ନଷ୍ଟ ନକରି ରୁଦ୍ରାଂଶୁ ଭଳି ନିଜକୁ ସମସ୍ତଙ୍କୁ ତିଆରି କରିବାକୁ ଉପଦେଶ ଦେଇଥିଲେ। ରୁଦ୍ରାଂଶୁ ପତିତପାବନ ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। ସେ ଗାଁ'ର ବିଭିନ୍ନ ଧର୍ମାନୁଷ୍ଠାନରେ ନିଜ ବାପାଙ୍କ ସହିତ ପୂଜା କରିବା ସହିତ ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା କରିବାକୁ ସ୍ୱପ୍ନ ଦେଖିଥିଲେ। ତାଙ୍କର ଏ ସଫଳତା ପାଇଁ ମହେନ୍ଦ୍ର କର, ଦୀପକ କର, ମୋହନ ଦାଶ, ଅନନ୍ତ ନାରାୟଣ ଦାସ, ପ୍ରଶାନ୍ତ ସ୍ୱାଇଁ, ଧରଣୀଧର ମହାପାତ୍ର, କାଳନ୍ଦୀ ପଟ୍ଟନାୟକ, ମାର୍କଣ୍ଡି ସାମଲ, ମନୋଜ ପରିଡ଼ା ପୁଷ୍ପା ଦାଶ, ମଙ୍ଗୁଳି ପରିଡା, ବିଜୟ ପଣ୍ଡା, ପ୍ରଫୁଲ୍ଲ ଘଡ଼େଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ତରୁଆଁ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୮।୬(ସମିସ): ଘସିପୁରା ବ୍ଲକ୍ ତରୁଆଁ ଦଧିବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିଛନ୍ତି ସୁଜାତା ସୂତାର। ସେ ପୂର୍ବରୁ ଦରିଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଅଳତିରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ସେ ପଦୋନ୍ନତି ପାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନଜା ରାଣୀ ନାୟକ, ଜ୍ୟୋତିସ୍ମିତା କର, ସନ୍ଧ୍ୟାରାଣୀ ରାଉତ, ଶିକ୍ଷକ ଅଭିନ୍ନ ଚନ୍ଦ୍ର ରାଉତ, ଆଶିଷ ଭଞ୍ଜ ଓ କର୍ମଚାରୀ ସଞ୍ଜୁଲତା ପଣ୍ଡା ଉପସ୍ଥିତ ଥିଲେ।

## ଦେଓଗାଁ ଯୁବ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୮।୬(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ମଣ୍ଡଳରେ ନୂତନ ଭାବେ ଯୁବ ମୋର୍ଚ୍ଚା ସଭାପତି ଏବଂ ଗୋହିରା ପଞ୍ଚାୟତର ପ୍ରଭାରୀ ଭାବେ ସୁଶାନ୍ତ କୁମାର ମହାରଣାଙ୍କ ନିଯୁକ୍ତି ପରେ ଦଳୀୟ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଆଗର୍ଦାସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ଦେଓଗାଁ ମଣ୍ଡଳର ସାଧାରଣ ସମ୍ପାଦକ ପ୍ରମୋଦ ପରିଡ଼ାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ସାଇଁକୁଳ ବୁଥ୍ ସଭାପତି ବିଜୟ କୁମାର ପରିଡ଼ା, ପଞ୍ଚହରା ବୁଥ୍ ସଭାପତି ଆଲୋକ ରାଉତଙ୍କ ସମେତ ସୋମନାଥ ନାଏକ, ଦୁଷ୍ମନ୍ତ ମହାରଣା, ସୁଶାନ୍ତ ଚକ୍ର, ବସନ୍ତ ସେଠୀ, ସତ୍ୟଜିତ ମହାରଣା, ରାଜେନ୍ଦ୍ର ସାମଲ, ସମୀର ସାମଲ ଓ ପବିତ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀରପୁରରେ ଗ୍ରୀଷ୍ମକାଳୀନ ଶିକ୍ଷା ମେଳା



ଆନନ୍ଦପୁର,୮।୬(ସମିସ): ଆସ୍ପାୟର ପକ୍ଷରୁ ଆନନ୍ଦପୁର ବ୍ଲକ୍‌ର ଆନନ୍ଦପୁର କ୍ଲଷ୍ଟର ଦ୍ୱାରା ଫକୀରପୁର ଗ୍ରାମରେ ଗ୍ରୀଷ୍ମକାଳୀନ ଶିକ୍ଷା ମେଳା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ କୃଷ୍ଣଚନ୍ଦ୍ର ଜେନା ଏବଂ କ୍ଲଷ୍ଟର ଶିକ୍ଷା ସଂଯୋଜିକା ଲୋପାମୁଦ୍ରା ସାହୁଙ୍କ ସଂଯୋଜନାରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜର ପ୍ରୋଜେକ୍ଟ ସହ ଏହି ପାଠକ ମେଳାରେ ଉପସ୍ଥିତ ଥିଲେ। ଏହି ମେଳାରେ ପ୍ରୋଜେକ୍ଟ ମାଧ୍ୟମରେ ପିଲାମାନେ ନିଜର ଦୂର ଦୃଷ୍ଟି ଆକର୍ଷଣ କରିବା ସହ ଏମ୍‌ଏସ୍‌ଆଇପି ଏବଂ ଏଫ୍‌ଏଲ୍‌ଏନ୍ ପାଠ୍ୟ ଖସଡ଼ାକୁ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ଡ୍ରଇଁ ସିଟ୍‌ରେ ନିଜର ପ୍ରକଳ୍ପକୁ ଲିଖିତ ଆକାରରେ ପ୍ରସ୍ତୁତ କରିବା ସହ ସେହି ଅଞ୍ଚଳର କମ୍ୟୁନିଟି ସଦସ୍ୟ, ଏସ୍‌ଏମ୍‌ସି ସଦସ୍ୟ, ପିଆର୍‌ଆଇ ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଆସ୍ପାୟାର ଆନନ୍ଦପୁର ବ୍ଲକ୍‌ର ସଂଯୋଜକ ସମୀର ମହାକୁଡ଼, ବ୍ଲକ୍ ଶିକ୍ଷା ସଂଯୋଜକ ଅରୁଣ କୁମାର ବାରିକ, ଆଇସିଡିଏସ୍ ସଂଯୋଜିକା ଲଳିତା ମହାନ୍ତଙ୍କ ସହ ଜିପିସିଏମ୍ ଦିଲ୍ଲୀପ ଜେନା, ସସ୍ମିତା ମହାନ୍ତି, ସସ୍ମିତା ରାଣୀ ସାହୁ, ଗାୟତ୍ରୀ ଜେନା, ପ୍ରଭାକର ଦାସ, ସୁରେନ୍ଦ୍ର ଦାସ, ହରପ୍ରିୟା ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନରସିଂହପୁରରେ ରଜ ଉତ୍ସବ ପ୍ରସ୍ତୁତି



ଆନନ୍ଦପୁର,୮।୬(ସମିସ): ଘସିପୁରା ବ୍ଲକ୍ ଭଣ୍ଡାରିଡିହା ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରସିଦ୍ଧ ରଜ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବଜରଙ୍ଗବାଲି କ୍ଲବ୍ ପକ୍ଷରୁ ରଜ ଉତ୍ସବ ପଡ଼ିଆରେ ଆଧୁନିକ ଦୋଳି ସମେତ ଖାଇ ଦୋଳି, ଚକ୍ରି ଦୋଳି, ପଟା ଦୋଳି ପକା ଯାଉଛି। ତିନିଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଡ୍ୟାନ୍ସ, ଗେମ୍, କୁଇଜ୍ ପ୍ରତିଯୋଗିତା ଆୟୋଜିତ ହେବ। ଶେଷ ଦିନରେ ପୁରସ୍କାର ବଣ୍ଟନ ହେବ। ଏହି ଅବସରରେ ଏଠାକାର ପ୍ରାଚୀନ ପରମ୍ପରା ଢିପା ମାଡ଼ ପାଇଁ ମଧ୍ୟ ପ୍ରସ୍ତୁତି ହୋଇଛି। ବଜରଙ୍ଗବାଲି କ୍ଲବ୍ ପକ୍ଷରୁ ରଶ୍ମୀରଞ୍ଜନ ସାହୁ, ଶ୍ରୀକାନ୍ତ ବେଜ, ଶିବାନନ୍ଦ ସା, ଚଗୁଲୁ ବେଜ, ଦେବାଶିଷ ସାହୁ, ହରେକୃଷ୍ଣ ମହାପାତ୍ର, ରାଜେଶ ସାହୁ, ଜ୍ୟୋତିରଞ୍ଜନ ମହାରଣା, ଆନନ୍ଦମୟ ସାହୁ, ଦେବାନନ୍ଦ ସା, ଶୁଭମ୍ ଜ୍ୟୋତି ସାହୁ, ଜ୍ଞାନରଞ୍ଜନ ସାହୁ, ଅଶ୍ୱିନୀ ରାଉତ, ପିଙ୍କୁନ ରାଉତ ପ୍ରମୁଖ ପରିଚାଳନା କରୁଛନ୍ତି।

## ଅସୁସ୍ଥ ପୂର୍ବତନ ସରପଞ୍ଚଙ୍କୁ ଭେଟିଲେ ବିଜେପି କାର୍ଯ୍ୟକର୍ତ୍ତା



ଆନନ୍ଦପୁର,୭।୬(ସମିସ): ଆନନ୍ଦପୁର ବ୍ଲକ ଧକୋଠାର ପୂର୍ବତନ ସରପଞ୍ଚ ବିନୋଦ ମହାନ୍ତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବିଜେପି ଯୁବନେତା ଅଜିତ ପୃଷ୍ଟି, ପ୍ରାଣ ବାରିକ ପ୍ରମୁଖ ତାଙ୍କ ନାହାଗୁଣା ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ। ଯୁବନେତା ପ୍ରକାଶ ଖିଲାର, ବିନୋଦ ବେହେରା, ପାଣ୍ଡୁ ସେଠୀ, ସହଦେବ ଖିଲାର, ଆଲୋକ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ବେଲବାହାଲିରେ ଉପାସନା କେନ୍ଦ୍ର ପ୍ରତିଷ୍ଠା ଉତ୍ସବ

ଆନନ୍ଦପୁର,୮।୬(ସମିସ): ଆନନ୍ଦପୁର ବ୍ଲକ୍ ବେଲବାହାଲି ଗ୍ରାମରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୫୯ ତମ ଜନ୍ମ ଦିବସରେ ଉପାସନା କେନ୍ଦ୍ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୯୮ ମସିହା ଠାରୁ ପ୍ରତିଷ୍ଠା ହୋଇଥିବା ଏହି ସତସଙ୍ଗ କେନ୍ଦ୍ରକୁ ସତସଙ୍ଗ ପ୍ରାଥନା କେନ୍ଦ୍ରରୁ ଉପାସନା କେନ୍ଦ୍ର ନାମିତ କରାଗଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବସନ୍ତ କୁମାର ସାହୁ, ଆନନ୍ଦପୁର ସତ୍‌ସଙ୍ଗ ବିହାରର ସଭାପତି ନୃସିଂହ ସେନାପତିଙ୍କ ସମେତ ଉପାସନା କେନ୍ଦ୍ର କର୍ମୀ ପ୍ରଫୁଲ୍ଲ ଉମା, ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ନାରାୟଣ ସାହୁ, ଗଙ୍ଗାଧର ସାହୁ, ସନ୍ଦୀପ ସାହୁ, ଦଶରଥ ସାହୁ, ସଞ୍ଜୟ ସାହୁ, ଉଦୀପ୍ତ ସାହୁ, କଳାକାର ସାହୁ, ବିନୋଦ ସାହୁ, କଳ୍ପତରୁ ସାହୁ, ଅନୀଲ ନାହାକ, ସତ୍‌ସଙ୍ଗ ଉପାସନା କେନ୍ଦ୍ରର ସମସ୍ତ ଗୁରୁ ଭାଇ ଓ ମା' ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ପଞ୍ଚମୁଖୀ ମନ୍ଦିର ପରିସରରେ ବୃକ୍ଷରୋପଣ



ଆନନ୍ଦପୁର,୮।୬(ସମିସ): ଆନନ୍ଦପୁର ମୁକ୍ତିତୀର୍ଥ ଆନନ୍ଦଧାମସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୃଥିବୀରେ କଳକାରଖାନାର ଧୂଳି, ଧୂଆଁ, ଗାଡ଼ି ଯାନ ବାହାନର ବ୍ୟାପକ ବ୍ୟବହାର ଫଳରେ ବିଶ୍ୱ ପରିବେଶ ନଷ୍ଟ ହୋଇ ପାଣିପାଗ ଉପରେ ଏହାର କୁପ୍ରଭାବ ପକାଉଛି। ଦିନକୁ ଦିନ ଜଙ୍ଗଲର ଅବକ୍ଷୟ, ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଏହି ପରିପ୍ରେକ୍ଷୀରେ "ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଧୀନରେ ଆଜି ଆନନ୍ଦପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବରଞ୍ଜନ ସାହୁ, ଅଜୟ କୁମାର ହୋତା, ପ୍ରାଣବନ୍ଧୁ ସାହୁ, କୈଳାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ସାହୁ, ଅନୀଲ କୁମାର ସାମଲ, ଦୀପକ କୁମାର ନାଥ, ରଞ୍ଜନ କୁମାର ଜେନା, ରୁନୁ ଦାସ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ସାମିଲ ହୋଇଥିଲେ।

## ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

# ବୃକ୍ଷରୋପଣ, ସଚେତନତା ଓ ଶପଥ ପାଠ





କେନ୍ଦୁଝର/ବଡ଼ବିଲ,୮।୬(ସମିସ)

ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନ୍‌ସା ମାଇନ୍ସରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, ଭବିଷ୍ୟତ ପିଢ଼ି ପାଇଁ ଆମେ କେମିତି ପୃଥିବୀ ଛାଡ଼ିଯିବୁ, ତାହା କେବଳ ଆମେ କ'ଣ ନିର୍ମାଣ କରିଛୁ ତାହା ଦ୍ୱାରା ନୁହେଁ, ବରଂ ଆମେ କଣ ସଂରକ୍ଷଣ କରିଛୁ ତାହା ଦ୍ୱାରା ନିର୍ଦ୍ଧାରିତ ହେବ। ବଡ଼ବିଲ ପେଲେଟ୍ ପ୍ଲାଣ୍ଟ ପରିସରରେ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆଙ୍କ ନେତୃତ୍ୱରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଏହା ସହିତ ବ୍ୟାପକ ବୃକ୍ଷରୋପଣ ମଧ୍ୟ ହୋଇଥିଲା। ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ସେହିପରି କାଶିଆ ମାଇନ୍ସରେ ୟୁନିଟ୍ ହେଡ୍ ପ୍ରମୋଦ ପାତ୍ରଙ୍କ ନେତୃତ୍ୱରେ "ଏକ ପେଡ୍ ମା କେ ନାମ' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ପରିବେଶ ଶପଥ ଗ୍ରହଣ ଉତ୍ସବ ଓ ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ କୁମାର ଏବଂ ବିକେଟି-ବିଜ୍‌ନେସ ହେଡ୍ ଆଶିଷ ପାଣ୍ଡେ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ କୁମାର ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଟେନ୍‌ସା ମାଇନସରେ ମଧ୍ୟ ବିଶ୍ୱ ପରିବେଶ ଦିବସ ବେଶ ଉତ୍ସାହରେ ପାଳିତ ହୋଇଛି। ମାଇନ୍ସ ମୁଖ୍ୟ ରାଜେଶ ପଟେଲ ଓ ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ, ଶପଥ ଗ୍ରହଣ ଓ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିବେଶ ପରିଚାଳନା ବିଭାଗର ସକ୍ରିୟ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଫଳ ବୃକ୍ଷରୋପଣ କରାଯାଇଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଦେଓଝର ଜିନ୍ଦଲ ନଗରରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଆଧାରିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

## କୁଡୁମୀ ବିକାଶ ଭବନ ଉଦ୍‌ଘାଟିତ

କେନ୍ଦୁଝର,୮।୬(ସମିସ): କୁଡୁମୀ ଜାତିର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ବହୁତ ଦିନ ପରେ ଜିଲ୍ଲାସ୍ତରରେ ନବନିର୍ମିତ କୁଡୁମୀ ବିକାଶ ଭବନ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ସଦର ବ୍ଲକ୍ ବୋଦାପଳସା ପଞ୍ଚାୟତ କେନ୍ଦୁଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଓ ଆଇନଜୀବୀ ରାଧାକାନ୍ତ ମହାନ୍ତ ଓ ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ କୁମାର ମହାନ୍ତ, ଜିଲ୍ଲା ଓଷ୍ଟା ଶିକ୍ଷକ ସଂଘ ସଭପତି ମନ୍ମଥ ମହାନ୍ତ, ମହିଳା ସଭାନେତ୍ରୀ ମଧୁସ୍ମିତା ମହାନ୍ତ, ଝାଡ଼ଖଣ୍ଡର କୁଡୁମୀ ନେତା ରାଜେଶ ମହାନ୍ତ, ଝୁମର ଗାୟକ ଭୈରବ ମହାନ୍ତ, ସମାଜସେବୀ ଅଜିତ ମହାନ୍ତ, କୁଡୁମୀ ସେନା ଉପଦେଷ୍ଟା ପୂର୍ଣ୍ଣେନ୍ଦୁ ମହାନ୍ତ, କୁଡୁମୀ ସେନା ସଦର ସଭାପତି ରଘୁନାଥ ମହାନ୍ତ, କୁଡୁମୀ ସେନା ଉପଦେଷ୍ଟା ଅଭିମନ୍ୟୁ ମହାନ୍ତ, ହରିଚନ୍ଦନପୁର ଯୁବ ସମ୍ପାଦକ ପଦ୍ମଲୋଚନ ମହାନ୍ତ, କୁଡୁମାଲି ଭାଷା ଗବେଷକ ନବକିଶୋର ମହାନ୍ତ, ଉପଦେଷ୍ଟା ଲିଜା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ




ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା କୁଡୁମୀ ସେନା ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତ, ପିପିଳିଆ ଦେଶକରମ ସମ୍ପାଦକ ହୃଷିକେଶ ମହାନ୍ତ, ଜାତୀୟ ଫୁଟବଲ୍ କୋଚ ବୀରେନ୍ଦ୍ର କେନ୍ଦୁଆ ଗ୍ରାମର ପୀତାମ୍ବର ମହାନ୍ତ, ନରେନ୍ଦ୍ର ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ହୃଷୀକେଶ ମହାନ୍ତ, ମୁନା ମହାନ୍ତ, ଦିବାକର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାଇପ୍‌ରେ ଆସୁଛି ଗୋଳିଆ ପାଣି, ଆତଙ୍କିତ ଆନନ୍ଦପୁରବାସୀ

ଆନନ୍ଦପୁର,୮।୬ (ସମିସ): ଆନନ୍ଦପୁର ସହରରେ ୱାଟ୍‌କୋ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଦୂଷିତ ଓ ଅରୁଚିକର ହେଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ସମୟରେ ଦୁର୍ଗନ୍ଧ ଓ ଗୋଳିଆପାଣି ଆସୁଥିବାରୁ ଏହା ସଂକ୍ରାମକ ରୋଗର କାରଣ ହେବ ବୋଲି ଆତଙ୍କ ଖେଳିଯାଇଛି। ପାଇପ୍ ଯୋଗେ ଆସୁଥିବା ପାଣି ଅନେକ ସମୟରେ ଗୋଳିଆ ରହୁଥିବାବେଳେ ବେଳେ ପାଣିରେ ବାଲିଗୁଣ୍ଡ ଆସୁଥିବା ଅଭିଯୋଗ ହୋଇଛି। ଜଳଯୋଗାଣ ଦାୟିତ୍ୱରେ ଥିବା ଠିକସଂସ୍ଥାର ମନମାନି ଯୋଗୁଁ ଏପରି ସମସ୍ୟା ହୋଇଥିବା ଜଣାଯାଇଛି। ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ଥିଲେ ମଧ୍ୟ ଏପରି ଦାୟିତ୍ୱହୀନତା ନେଇ ଅନେକ ଲୋକ ଅଭିଯୋଗ କରୁଥିବା ବେଳେ ଜଳଯୋଗାଣରେ ଗୁଣବତ୍ତା ହ୍ରାସ ଅନେକାଂଶରେ ପରିଲକ୍ଷିତ ହୋଇଛି। ସାଧାରଣ ଲୋକ ଓ କେତେକ ଗ୍ରାହକ ଅଭିଯୋଗ କଲେ ବି ବିଭାଗୀୟ କର୍ମଚାରୀ ଅଭିଯୋଗ ଶୁଣୁ ନଥିବା ଅଭିଯୋଗ ହୋଇଛି। ଏପରି ସମସ୍ୟା ଆଜକୁ କିଛି ଦିନ ହେଲା ଲାଗି ରହିଥିଲେ ମଧବିଭାଗୀୟ କର୍ତ୍ତୃପକ୍ଷ ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଆନନ୍ଦପୁର ପୌରପାଳିକାର ବିଭିନ୍ନ ସାହି ବସ୍ତିରେ ଆଜକୁ କିଛି ଦିନ ହେବ ପାଇପ୍‌ରୁ ଏପରି ଗୋଳିଆ ପାଣି ବାହାରୁଥିବା ବେଳେ ଶ୍ରୀଦଧିବାମନଜିଉ ମନ୍ଦିରରେ ଥିବା ପାଇପ୍‌ରେ ଗୋଳିଆ ପାଣି ଆସୁଥିବାରୁ ରୋଷଘର ନୀତିରେ ବାଧା ସୃଷ୍ଟି ହୋଇଛି। ଏ ନେଇ କେତେକ ସଚେତନ ନାଗରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଣୁ ୱାଟ୍‌କୋ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଯୁବ କଂଗ୍ରେସ ନେତା ସେକ ଜାକିର ଦାବି ଜଣାଇଛନ୍ତି।



## ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ଯୋଡ଼ା,୮।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବାଂଶପାଣି ନିକଟରେ ସୋମବାର ଅପରାହ୍ନ ୨ ଟା ସମୟରେ ଜଣେ ବାଇକ ଉପରେ ଏକ ହାଇୱା ଚଢ଼ି ଯିବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ଧାନବାଦ ଜିଲ୍ଲାର ସଲାଉଦିନ ଅନସାରି (୪୩)। ସଲାଦୁଦିନ ଜଣେ ଟ୍ରକ୍ ମାଲିକ। ଏଥିସହ ଲେଦ୍ କାର୍ଯ୍ୟ କରି ଜୁରୁଡ଼ି ଅଞ୍ଚଳରେ ଅସ୍ଥାୟୀ ଭାବେ ରହିଆସୁଥିଲେ। ସୋମବାର ସେ ଗାଡ଼ି ଲୋଡିଂ ପାଇଁ ଡିଓ ନେବାକୁ ନିଜ ବାଇକ୍‌ରେ ଯାଉଥିବା ବେଳେ ବାଂଶପାଣି ଟାଟା ମୋଟର ୱାର୍କସପ୍ ନିକଟରେ ରାସ୍ତା ପାର ହେବା ପାଇଁ ଗୋଟିଏ ପାଶ୍ୱର୍ରେ ଛିଡା ହୋଇଥିଲେ। ଏହି ସମୟରେ ଓଡି ୦୯-ଭି-୨୭୧୭ ନମ୍ବର ବିଶିଷ୍ଟ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସଲାଉଦିନଙ୍କ ମୃତ୍ୟ ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପ୍ରଥମେ ଟାଟା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଗୋଣ୍ଡ ସାଂସ୍କୃତିକ ସମାଜର ବ୍ଲକସ୍ତରୀୟ ସମାବେଶ



କେନ୍ଦୁଝର,୮।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚାକୁଣ୍ଡାପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଡ଼ିଚାତରରେ ଗୋଣ୍ଡ ସାଂସ୍କୃତିକ ସମାଜରେ ବ୍ଲକସ୍ତରୀୟ ସମାବେଶ ଆୟୋଜିତ ହୋଇଯାଇଛି। ଏହି ମହା ସମାବେଶ ଜିଲ୍ଲା ସଭାପତି ପ୍ରଫୁଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲା କମିଟିର ଉପସଭାପତି ବେଣୁଧର ନାଏକ, ସମ୍ପାଦକ ଯୁଧିଷ୍ଠିର ସିଂହ, ଯୁଗ୍ମସମ୍ପାଦକ ବାସୁଦେବ ସିଂହ, ଉପଦେଷ୍ଟା ହରେକୃଷ୍ଣ ନାଏକ, ସଦସ୍ୟ ସୁଶାନ୍ତ ନାଏକ, ବ୍ରହ୍ମାନନ୍ଦ ଦେହୁରୀ, ବୃଷକେଶୁ ନାଏକ ଯୋଗ ଦେଇଥିଲେ। ପ୍ରଥମେ ମହିଳାମାନଙ୍କ ଦ୍ୱାରା ନିକଟସ୍ଥ ନଦୀ ଘାଟରୁ ବିରାଟକାୟ ପଟୁଆର ମଧ୍ୟରେ କଳସ ଯାତ୍ରା କରି ମଞ୍ଚ ନିକଟରେ ରହିଥିବା ଅସ୍ଥାୟୀ ମଣ୍ଡପରେ କଳସ ସ୍ଥାପନା କରି ଜାତିର ଦେବଦେବୀଙ୍କୁ ପୂଜା କରାଯାଇଥିଲା। ଗ୍ରାମର ଦେହୁରୀଙ୍କ ଦ୍ୱାରା ନୀତି ନିୟମ ଅନୁସାରେ ପୂଜା କରି ପୂଜା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଜାତି ପ୍ରେମୀମାନଙ୍କୁ ଉତ୍ସାହିତ କରିବା ସହିତ ଜାତିର ଟେକ ରଖିବାକୁ ଜାତି ସମାଜକୁ ସଚେତନ ବାର୍ତ୍ତା ଦେଇଥିଲେ। ପାଟଣା ବ୍ଲକ ଅଞ୍ଚଳରେ ଜାତିର ବିକାଶ ଏବଂ ଜାତିର ସଂସ୍କୃତି, ପରମ୍ପରାକୁ ଜୀବିତ ରଖି ଜାତି ସମାଜକୁ ସଶକ୍ତୀକରଣ କରିବା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ପାଟଣା ଗୋଣ୍ଡ ସାଂସ୍କୃତିକ ସମାଜର ନୂତନ କମିଟିରେ ସଭାପତି ନିଶାକର ନାଏକ, ସମ୍ପାଦକ ଗୌରାଙ୍ଗ ଚରଣ ନାଏକ, କୋଷାଧକ୍ଷ ନଟବର ନାଏକଙ୍କୁ ମନୋନୀତ କରାଯାଇଥିଲା। ସେହିପରି ମହିଳା କମିଟିରେ ସଭାନେତ୍ରୀ ବୈଦେହୀ ନାଏକ, ସମ୍ପାଦିକା ଶୁଭସ୍ମିତା ନାଏକ, କୋଷଧକ୍ଷା ସୁକାନ୍ତି ନାଏକଙ୍କୁ ଚୟନ କରାଯାଇଥିଲା। ଜାତିର ଗୌରବ ଏବଂ ଗର୍ବକୁ ସଶକ୍ତୀକରଣ କରିବା ପାଇଁ ଏବଂ ହଜି ଯାଉଥିବା କଳା ସଂସ୍କୃତିକୁ ପୁନର୍ଜୀବିତ କରିବା ପାଇଁ ଯୁବ ସମାଜର ଆବଶ୍ୟକତା ରହୁଥିବା ଯୋଗୁଁ ଏକ ବ୍ଲକସ୍ତରୀୟ ଯୁବ ସଂଗଠନ ମଧ୍ୟ ଗଠନ କରାଯାଇଥିଲା। ଯୁବ ସଂଗଠନର ସଭାପତି ଟସ୍କର ନାଏକ, ସମ୍ପାଦକ ବିପିନ ବିହାରୀ ନାଏକଙ୍କୁ ନିର୍ବାଚିତ କରାଯାଇଛି। ଆଗାମୀ ଯୁବ ପିଢ଼ିଙ୍କ ଏକ ଲମ୍ବା ଭବିଷ୍ୟତ ଗଠନ କରିବା ପାଇଁ ଗ୍ରାମର ଛାତ୍ରଛାତ୍ରୀଙ୍କୁ ଘରୋଇ ଶିକ୍ଷାଦାନ କରିବା ପାଇଁ ଗ୍ରାମରେ ଘରୋଇ ଶିକ୍ଷକ ନିଯୁକ୍ତି କରି ଶିକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲା ସଭାପତି ପ୍ରଫୁଲ ସିଂହ ପ୍ରକାଶ କରିଥିଲେ। ଏହି ଶିକ୍ଷକ ନିଯୁକ୍ତି ପରେ ଶିକ୍ଷକଙ୍କୁ ଆର୍ଥିକ ସହାୟତା ଜିଲ୍ଲା କମିଟି ଦ୍ୱାରା ଯୋଗାଇ ଦିଆଯିବ ବୋଲି ଜିଲ୍ଲା କମିଟିର ସମ୍ପାଦକ ଯୁଧିଷ୍ଠିର ସିଂହ ପ୍ରତିଶ୍ରୁତି ଦେଇଥିଲେ। ଏହି ମହା ସମାବେଶରେ ପାଟଣା ବ୍ଲକ୍ ତଥା ଘଟଗାଁ, ଚମ୍ପୁଆ ବ୍ଲକ୍‌ର ଜାତିପ୍ରେମୀ ମାନେ ବହୁଳ ମାତ୍ରାରେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଶେଷରେ ଜାତି ଭାଇ ଭଉଣୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ଠିକାଦାରଙ୍କ ନିୟମ ଉଲ୍ଲଙ୍ଘନ**

## ପ୍ରଚଣ୍ଡ ଖରାରେ ଚାଲିଛି କାମ, ବାଜିରେ ଲାଗିଛି ଶ୍ରମିକଙ୍କ ଜୀବନ



ବେତନଟୀ, ୮।୬(ସମିସ):

ରାଜ୍ୟରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଅସହ୍ୟ ହୋଇ ଉଠିଥିବାବେଳେ ବାରିପଦା ଅଞ୍ଚଳ ସର୍ବାଧିକ ଉତ୍ତପ୍ତ ସ୍ଥାନ ଭାବେ ରେକର୍ଡ କରାଯାଇଛି। ଏ ପରିସ୍ଥିତିରେ ବେତନଟୀ ବ୍ଲକର ବେତନଟୀ ବଜାର ନିକଟସ୍ଥ ବେତନଟୀ ବିଇଓ ଅଫିସକୁ ଲାଗି ରହିଥିବା ପିଏମ୍‌ଶ୍ରୀ ଏମ୍‌ପିସି ହାଇସ୍କୁଲ ପରିସରରେ ଏକ ସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ଶ୍ରମ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ଉଠିଛି। ଶ୍ରମ ବିଭାଗ ପକ୍ଷରୁ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାହାର ଶ୍ରମ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତଥାପି ଦିନ ପ୍ରାୟ ୧୨ଟା ୫୧ ମିନିଟ୍ ସମୟରେ ନିର୍ମାଣ ସ୍ଥଳରେ ଶ୍ରମିକମାନେ କାନ୍ଥ ଓ ଛାତ ଉପରେ ରଡ୍ ବାନ୍ଧିବା, ସିମେଣ୍ଟ ଗୋଳାଇବା ଓ କଂକ୍ରିଟ୍ ଢାଳିବା କାମ କରୁଥିବା ଦେଖାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଶ୍ରମିକଙ୍କ ପାଇଁ ଓଆର୍‌ଏସ୍, ଛାଇ ପାଇଁ ତମ୍ବୁ କିମ୍ବା ବିଶୁଦ୍ଧ ପାନୀୟଜଳର କୌଣସି ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ପରିଚାଳନା କରୁଥିବା ଠିକାଦାର ଓ ସଂସ୍ଥା ପ୍ରଶାସନିକ ନୋଟିସ୍‌କୁ ଖାତିର କରୁ ନ ଥିବା ଅଭିଯୋଗ ହେଉଛି।

ଶ୍ରମିକମାନେ କହିଛନ୍ତି, ସକାଳୁ ସଞ୍ଜ ଯାଏଁ କାମ କରିବାକୁ ବାଧ୍ୟ ହେଉଛୁ। କାମ ନ କଲେ ମଜୁରି କଟା ଯିବ ଓ ଘର ଚଳିବ ନାହିଁ। ସରକାର କାମ ବନ୍ଦ କରିବାକୁ କହୁଛନ୍ତି, କିନ୍ତୁ ପେଟ ପାଇଁ ଆମେ ଜୀବନକୁ ବାଜି ଲଗାଇ କାମ କରୁଛୁ। ସେମାନଙ୍କ କହିବା ଅନୁସାରେ, କାମ ସାରିବା ସମୟର ଚାପ ଯୋଗୁଁ ନିୟମ ପାଳନ କରାଯାଉନାହିଁ। ଏ ସଂକ୍ରାନ୍ତରେ ଜିଲ୍ଲା ଶ୍ରମ ବିଭାଗ ସହିତ ଯୋଗାଯୋଗ କରାଯିବାରୁ ଅଧିକାରୀମାନେ କହିଛନ୍ତି, ବାରିପଦା ଶ୍ରମ ବିଭାଗ ଅଧୀନରେ ଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ସକାଳ ୭ଟାରୁ ୧୧ଟା ଓ ଅପରାହ୍ନ ୩ଟା ପରେ କାମ ଚାଲିପାରିବ। ନିୟମ ଉଲ୍ଲଙ୍ଘନ କଲେ ଶ୍ରମିକମାନେ ସିଧାସଳଖ ଅଭିଯୋଗ କରିପାରିବେ। ନିର୍ମାଣ ସ୍ଥଳରେ ଓଆର୍‌ଏସ୍, ଥଣ୍ଡା ପାନୀୟ ଓ ଛାଇ ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ବିଭାଗୀୟ ଇନ୍ସପେକ୍ଟର ନିୟମିତ ଚେକ୍ କରୁଛନ୍ତି ଓ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ଘଟଣା ଗରିବ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଉନ୍ମୋଚିତ କରିଛି। ଏକାଧିକ ଶ୍ରମିକ କହିଛନ୍ତି, ଖରାରେ ସାମାନ୍ୟ ବିଶ୍ରାମ ମିଳିଲେ ବି ପରିବାର ପ୍ରତିପୋଷଣ ପାଇଁ ଆମେ ଏପରି ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହେଉଛୁ। ସରକାର ଯଦି କାମ ବନ୍ଦ କରାଇବେ, ତେବେ ବିକଳ୍ପ ବ୍ୟବସ୍ଥା କରନ୍ତୁ। ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି ହେଉଥିବା ସତ୍ତ୍ୱେ ତଳ ସ୍ତରରେ କେତେ ଦୂର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ହେଉଛି, ତାହା ଏବେ ଦେଖିବାକୁ ବାକି ରହିଛି। ଏପରି ଘଟଣା ଶ୍ରମିକ ସୁରକ୍ଷା ଓ ନିୟମ ପାଳନର ଗୁରୁତ୍ୱକୁ ଆଉଥରେ ମନେ ପକାଇ ଦେଉଛି। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଏ ବିଷୟରେ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ରାଇରଙ୍ଗପୁରରେ ଖୁଲମଖୁଲା ଚାଲିଛି ଜୁଆ ଆଡ୍ଡା**

## ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ


ରାଇରଙ୍ଗପୁର,୮।୬(ସମିସ): ରାଇରଙ୍ଗପୁରରେ ଜୁଆଡ଼ିଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା କରି ଖୁଲମଖୁଲା ଜୁଆ ଖେଳ ଜାରି ରହିଛି। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ପୁଲିସ ପ୍ରଶାସନ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜୁଆ ସକ୍ରିୟ ଥିବାବେଳେ ଏହାକୁ ରୋକିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ପ୍ରତିଦିନ ଜୁଆଡ଼ି ଟିମ ସକ୍ରିୟ ଭାବେ ରାଇରଙ୍ଗପୁରର ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ସଜେଇ ଖେଳ ଜାରି ରଖିଛନ୍ତି। ଜୁଆଡ଼ି ଟିମ ସକ୍ରିୟ ଭାବେ ପୁଲିସ ପ୍ରଶାସନର ନାକ ତଳେ ଜୁଆ ଖେଳ ଚଳାଇଛନ୍ତି। ଫଳରେ ଲୋକ ନିଜର କଷ୍ଟ ଉପାର୍ଜିତ ଧନ ହରାଉଥିବାବେଳେ ଏହାକୁ ରୋକିବାରେ ପୁଲିସ ବିଫଳ ହୋଇଛି। ଏ ନେଇ ଖବର ପ୍ରକାଶ ପରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସ୍ଥାନୀୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ କରି ଜୁଆ ଆଡ୍ଡାରେ ଚଢ଼ଉ କରି ରୋକିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଚମ୍ପାବୁଦା ନିକଟସ୍ଥ ଖେଳ ପଡ଼ିଆରେ ଶୁକ୍ରବାର, ଶନିବାର ଓ ରବିବାର ଜୁଆ ଆଡ୍ଡା ଚାଲୁଥିବାବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣିରେ ସୋମବାରଠାରୁ ଜୁଆ ଆଡ୍ଡା ବସୁଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ସିନ୍ଦୁରଗୌରୀ, ଇଚିଣ୍ଡା ଓ ବହଲଦା ଥାନା ଅନ୍ତର୍ଗତ ଅଁଳାଯୋଡ଼ି ଗ୍ରାମର ଲୋକେ ଉକ୍ତ ଜୁଆ ଖେଳରେ ସମ୍ପୃକ୍ତ ରହି ଖୁଲମଖୁଲା ଭାବେ ଜୁଆ ଖେଳ ଚଳାଇଛନ୍ତି। ପ୍ରତିଦିନ ଜୁଆ ଖେଳ ହେଉଥିବାବେଳେ ନିୟମିତ ୫/୬ ପାଳି ଜୁଆ ହେଉଛି। ପ୍ରତି ପାଳିରେ ଜୁଆଡିମାନେ ୨୦,୦୦୦ ଟଙ୍କା ପାଉଛନ୍ତି। ଉକ୍ତ ଟଙ୍କାର ଅଂଶ ବିଭିନ୍ନ ସ୍ଥାନର ତଳରୁ ଉପର ପର୍ଯ୍ୟନ୍ତ ଅଧିକାରୀଙ୍କ ପର୍ଯ୍ୟନ୍ତ ପ୍ରତିଦିନ ପାଳି ଅନୁଯାୟୀ ବଟି ପ୍ରଦାନ କରାଯାଉଛି। ଠୁଳ ଠୁଲି ଓ ତିନି ଗୋଟି ଆଦି ଜୁଆ ଖେଳ ବେଶୀ ଚାଲିଛି। ଜୁଆ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ନିର୍ଭୟରେ ଜୁଆଡିମାନେ ଖେଳ ଜାରି ରଖିଥିବାବେଳେ ଜୁଆ ଖେଳି ଲୋକେ ସର୍ବସାନ୍ତ ହେଉଛନ୍ତି। ଯାହାକି ରାଇରଙ୍ଗପୁର ପରିଚୟ ନଷ୍ଟ କରୁଛି। ଜୁଆ ଆଡ୍ଡା ଉପରେ ଚଢଉ କରି ବନ୍ଦ କରିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଇରଙ୍ଗପୁର ପୁଲିସର ପଦକ୍ଷେପ କ'ଣ ରହୁଛି, ତାହା ଦେଖୀବାକୁ ବାକି ରହିଲା।

**■ ଡିଜିଟାଲ ଯୁଗରେ ଚଢ଼େଇପାହାଡ଼ିରେ ଜାରି ରହିଛି ନେଟ୍‌ୱର୍କ ସମସ୍ୟା**

## ରୋଗୀଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସକୁ ହୋଇପାରୁନି ଯୋଗାଯୋଗ

ରାଇରଙ୍ଗପୁର, ୮।୬(ସମିସ): ସରକାରଙ୍କ ଡିଜିଟାଲ୍ ଇଣ୍ଡିଆ ନାରା କେବଳ ଘୋଷଣା ବାଜିରେ ହିଁ ସୀମିତ ହୋଇ ରହିଯାଇଛି। ଠିକ୍ ଭାବେ ଗ୍ରାମରେ ନେଟୱର୍କ ରହୁ ନ ଥିବାବେଳେ ଡିଜିଟାଲ ଇଣ୍ଡିଆରେ ଗ୍ରାମକୁ ଇଣ୍ଟରନେଟ ସୁବିଧା ଯୋଗାଇବା ସାତସପନ ହୋଇଛି। ଡିଜିଟାଲ ଯୁଗରେ ବାମନଘାଟି ଉପଖଣ୍ଡର ବିଜାତଲା ବ୍ଲକ ଅନ୍ତର୍ଗତ ଚଢେଇପାହାଡି ପଞ୍ଚାୟତରେ ନାହିଁ ନେଟୱର୍କ। ଲୋକେ ନେଟୱର୍କ ନ ଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ଡିଜିଟାଲ ସେବାରୁ ଲୋକେ ବଞ୍ଚିତ ହେବା ସହ ରୋଗୀଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ ହୋଇପାରୁନି। ଚଢେଇପାହାଡି ପଞ୍ଚାୟତର ଅନେକ ଗ୍ରାମରେ ଏପର୍ଯ୍ୟନ୍ତ ଉନ୍ନତ ମୋବାଇଲ ନେଟୱର୍କ ସେବା ଉପଲବ୍ଧ ହୋଇପାରିନାହିଁ। ଦେଶର ବିଭିନ୍ନ ସ୍ଥାନରେ ୫ଜି ସେବା ଚାଲୁ ଥିବାବେଳେ ଏହି ଅଞ୍ଚଳର କେତେକ ସ୍ଥାନରେ ୨ଜି ନେଟୱର୍କ ମଧ୍ୟ ଠିକ୍ ଭାବେ କାମ କରୁନାହିଁ। ଫଳରେ ସାଧାରଣ ଲୋକମାନେ ଯୋଗାଯୋଗ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜରୁରୀ ସ୍ୱାସ୍ଥ୍ୟସେବା ପାଇବାରେ ଏହି ସମସ୍ୟା ଗୁରୁତର ରୂପ ନେଇଛି। ନେଟୱର୍କ ଦୁର୍ବଳ ଥିବାରୁ ଆପାଦକାଳୀନ ସମୟରେ ଆମ୍ବୁଲାନ୍ସ ସେବା ସହ ଯୋଗାଯୋଗ କରିବା ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ। ଏହାଦ୍ୱାରା ରୋଗୀ ଓ ଗର୍ଭବତୀ ମହିଳା ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଚଢେଇପାହାଡି ପଞ୍ଚାୟତର ସମିତି ସଭ୍ୟା କୁନି ସର୍ଦ୍ଦାର ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣିରେ ଦାବି ଉପସ୍ଥାପନ କରିଛନ୍ତି। ଚଢେଇପାହାଡି ପଞ୍ଚାୟତରେ ୨୪ ଘଣ୍ଟା ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଯାଉ। କାରଣ ନେଟୱର୍କ ସମସ୍ୟା ଯୋଗୁଁ ଅଞ୍ଚଳବାସୀ ଜରୁରୀ ସମୟରେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିପାରୁନାହାନ୍ତି। ଯାହା ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ଲୋକ ମଧ୍ୟ ପ୍ରଶାସନଙ୍କୁ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ନେଟୱର୍କ ସେବାର ଉନ୍ନତି ସହିତ ଚଢେଇପାହାଡି ପଞ୍ଚାୟତରେ ସ୍ଥାୟୀ ଭାବେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାଦ୍ୱାରା ଜରୁରୀ ସ୍ୱାସ୍ଥ୍ୟ ସେବା ଅଧିକ ସୁଗମ ହେବ ଓ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବ।



**୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ପ୍ରଦାନ ଦାବି**

## ବିଲ ମଝିରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୮।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟଭା ସରୁଆ ଗାଁ ବିଲ ମଝିରୁ ସୋମବାର ରାତିରେ ଜଣେ ବିବାହିତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅନାମ ନାଏକଙ୍କ ପୁଅ ଗୁରୁଦେବ ନାଏକ(୪୬। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଥାନା ଏଏସ୍‌ଆଇ ଗୌରହରି ଗରଡ଼ିଆ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣା ପଡ଼ିବ ବୋଲି ପାଟଣା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି। ସୋମବାର ରାତିରେ ମୃତଦେହ ଉଦ୍ଧାର ହୋଇଥିବାରୁ ଆସନ୍ତା କାଲି ବ୍ୟବଚ୍ଛେଦ ହେବ ବୋଲି କୁହାଯାଇଛି।

## କାର୍‌ରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ

ରାଇରଙ୍ଗପୁର/ଯଶିପୁର,୮।୬(ସମିସ): କାର୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଗୌଡ଼ଗାଁ ଶ୍ମଶାନ ଘାଟ ନିକଟରୁ ଯଶିପୁର ଥାନା ପୁଲିସ ପକ୍ଷରୁ ଏହି ଗଞ୍ଜେଇ ଜବତ କରାଯାଇଛି। ଏକ କାର୍ ଗତ ତିନିଦିନ ହେବ ଯଶିପୁର ଥାନା ଅନ୍ତର୍ଗତ ଗୌଡ଼ଗାଁ ଶ୍ମଶାନ ଘାଟ ନିକଟରେ ରହିଥିଲା। ତିନିଦିନ ଧରି ପଡ଼ିରହିଥିବା କାର୍‌କୁ ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଛାନଭିନ ଆରମ୍ଭ କରିଥିଲା। କାର୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ କାର୍‌କୁ ନିଜ ହେପାଜତକୁ ନେଇଥିଲେ। ଜବତ ଗଞ୍ଜେଇର ପରିମାଣ ୭୦ କେଜି ହୋଇଥିବାବେଳେ ଏହାର ଆନୁମାନିକ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ଯଶିପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କିଏ ଏତେ ପରିମାଣର ଗଞ୍ଜେଇ କେଉଁଠିକି ଚୋରା ଚାଲାଣ କରୁଥିଲା, ସେ ଦିଗରେ ପୁଲିସ ତଦନ୍ତ କରୁଛି। କାର୍ ନମ୍ବରରୁ ମାଲିକ ପାଖକୁ ପହଞ୍ଚି ଯାଞ୍ଚ କରାଯିବ। ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ୍ ଯାଞ୍ଚ ବେଳେ ଚାଲାଣକାରୀମାନେ ଭୟରେ କାର୍ ଛାଡି ଚାଲିଯାଇଥିବା ସନ୍ଦେହ କରାଯାଉଛି।

## ଆର୍‌ଆର୍‌ଡିଓ-ଡିବି ଟେକ୍‌ରେ ପରିବେଶ ଦିବସ



ମହୁଲଡିହା,୮।୬(ସସିସ): ସ୍ୱେଚ୍ଛାସେବୀ ସଂଗଠନ ରୁରାଲ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନର ପ୍ରତିଷ୍ଠା ଦିବସ ବିଶ୍ୱ ପରିବେଶ ଦିବସରେ ପାଳିତ ହୋଇଯାଇଛି। ଡନ ବସ୍କୋ ଟେକ ସୋସାଇଟି ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ତଥା ଏସିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଥିବା ଶିଳ୍ପୀ ଦଶରଥ ମହାନ୍ତ ଯୋଗଦେଇ ପରିବେଶ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏଥିସହିତ ତାଲିମାର୍ଥୀ କିପରି ନିଜକୁ ଦକ୍ଷ କରି ଗଢିବେ ଓ ଆଗାମୀ ଦିନରେ କର୍ମନିଯୁକ୍ତି ହାସଲ କରିବେ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ହାଉସକିପିଂ ଓ ହୋଟେଲ ଶିଳ୍ପରେ କିପରି ନିଯୁକ୍ତି ସୁଯୋଗ ରହିଛି ଓ ଆମକୁ କିପରି ନିଜକୁ ପ୍ରସ୍ତୁତ କରିବାକୁ ହେବ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦକ୍ଷତା ବିକାଶ ହିଁ କର୍ମନିଯୁକ୍ତି ସୃଷ୍ଟିର ମାର୍ଗ ବୋଲି ସେ ଅଭିହିତ କରିଥିଲେ। ଆରଆରଡିଓ ସମ୍ପାଦକ ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲିମଦାତା ସତ୍ୟଜିତ ଦାସ, ଅଭିମନ୍ୟୁ ବେହେରା ଓ ଗୋଲାପ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅତିଥିମାନେ ଚାରାରୋପଣ କରିଥିଲେ।

## ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ୯ ଦଫା ଦାବିପତ୍ର

ବାରିପଦା, ୮।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନସନର୍ସ ସଂଘ ପକ୍ଷରୁ ଚିକିତ୍ସା ଭତ୍ତା ସମେତ ୯ ଦଫା ଦାବି ରାଜ୍ୟ ପରିବେଶ, ଜଙ୍ଗଲ, ଜଳବାୟୁ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ କେନ୍ଦ୍ର ସରକାରୀ ପେନସନାରଙ୍କୁ ଚିକିତ୍ସା ଭତ୍ତା ସହିତ ଭାରତର ୨୮ଟି ରାଜ୍ୟ ତାଙ୍କ ରାଜ୍ୟ ପେନ୍‌ସନଧାରୀଙ୍କୁ ଚିକିତ୍ସା ଭତ୍ତା ଦେଉଥିବା ସ୍ଥଳେ ଓଡ଼ିଶା ସରକାର ରାଜ୍ୟର ପେନସନର୍ସଙ୍କୁ ଚିକିତ୍ସା ଭତ୍ତା ଦେବା ନିମନ୍ତେ ସଂଘ ଦୀର୍ଘ ଦିନରୁ ଦାବିପତ୍ର ଦେଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚିକିତ୍ସା ଭତ୍ତା ଦେଉ ନ ଥିବା ଦୁଃଖର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ଯାହାକି ସାଢେ ୫ ଲକ୍ଷରୁ ଅଧିକ ଫେମିଲି ପେନସନର୍ସ ବର୍ତ୍ତମାନର ପରିସ୍ଥିତିରେ ଔଷଧର ଆବଶ୍ୟକତାକୁ ତୁଲାଇ ପାରୁନାହାନ୍ତି। ଏ ବିଷୟରେ ମନ୍ତ୍ରୀ ଖୁଣ୍ଟିଆଙ୍କୁ ଜିଲ୍ଲା ପେନସନର୍ସ ସଂଘର କର୍ମକର୍ତ୍ତା ଓ ରାଜ୍ୟ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଚିକିତ୍ସା ଭତ୍ତା ସହିତ ୧୮ ମାସର ବାକିଆ ମହଙ୍ଗା ଭତ୍ତା ନିମନ୍ତେ ଅନୁରୋଧ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପେନସନର୍ସ ସଂଘର ସଭାପତି ଚନ୍ଦ୍ର ମୋହନ ମାଝୀ, ରାଜ୍ୟ ମହାସଂଘର ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ମୁନି, ଜିଲ୍ଲା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପ୍ରତାପ ମହାପାତ୍ର, ସଭ୍ୟ ପ୍ରଭାକର ଜେନା ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ ସହିତ ଅନୁରୋଧ କରିଥିଲେ।

## ବଡ଼ସାହି ବ୍ଲକ୍‌ରେ ୩୩୭୭ ଜଣ ହିତାଧିକାରୀଙ୍କୁ ମିଳୁନି ଭତ୍ତା

ବଡ଼ସାହି,୮।୬(ସମିସ):

ବଡ଼ସାହି ବ୍ଲକ ଅଧୀନରେ ୩୦ଟି ଗ୍ରାମ ପଞ୍ଚାୟତ ରହିଛି। ଆଜକୁ ୨ ବର୍ଷ ହେବ ଅର୍ଥାତ ଡବଲ ଇଞ୍ଜିନ ସରକାରଙ୍କ ସମୟରୁ ଏହି ବ୍ଲକର ୩୩୭୭ ଜଣ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ୩ ହଜାର ଦେବା ତ ଦୂରର କଥା ସରକାର ସେହି ୧ ହଜାର ଟଙ୍କା ମଧ୍ୟ ନିୟମିତ ଦେବାରେ ବିଫଳ ହୋଇଛନ୍ତି। ୩ ମାସ ହେଲାଣି ହିତାଧିକାରୀ ନିୟମିତ ଭତ୍ତା ପାଉ ନ ଥିବା ଅଭିଯୋଗ ହୋଇଆସୁଛି। ଫଳରେ ହଜାର ହଜାର ବୁଢାବୁଢି, ବିଧବା, ଭିନ୍ନକ୍ଷମ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚି ଥିବାବେଳେ ଆଗାମୀ ଦିନରେ ସେମାନେ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି କହିଛନ୍ତି।

ଟାର୍ଗେଟ ନ ଥିବାରୁ ୮୦ ବର୍ଷ ଭତ୍ତା ଅଧେ ପାଉଛନ୍ତି ତ ଅଧେ ନାହିଁ। ନା ଘର, ନା ଭତ୍ତା, ନା ମାଗଣା ୩ ଶହ ୟୁନିଟ ବିଜୁଳି, ନା ମଦ ବନ୍ଦ, ନା ଚିଟଫଣ୍ଡ ଟଙ୍କା ଫେରସ୍ତ। ଏସବୁ ସହିତ ସମସ୍ତ ଜିନିଷର ଅହେତୁକ ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ବହୁତ ପ୍ରଭାବିତ କରିଛି। ଫଳରେ ଏ ଡବଲ ଇଞ୍ଜିନ ସରକାରକୁ ଭୋଟ ଦେଇ ସେମାନେ ବହୁତ ଭୁଲ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଆଜିକୁ ଦୁଇବର୍ଷ ହେବ ୩୩୭୭ ଜଣ ଯୋଗ୍ୟ ହିତାଧିକାରୀ ଆବେଦନ କରି ଭତ୍ତାକୁ ଚାହିଁ ବସି ଥିବାବେଳେ ସେମାନଙ୍କ ମଧ୍ୟରୁ ୨୭୪୦ ଜଣ ବାର୍ଦ୍ଧକ୍ୟ, ୩୨୨ ବିଧବା, ୧୦୯ ଭିନ୍ନକ୍ଷମ, ୧୪୭ ଜଣ ଅବିବାହିତ ଓ ୫୯ଜଣ ସ୍ୱାମୀ ପରିତ୍ୟକ୍ତା ବୋଲି ଜଣାଯାଇଛି। ଏହି ହିତାଧିକାରୀମାନେ ଆବେଦନ କରି ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ହିତାଧିକାରୀମାନେ କେବେ ଭତ୍ତା ପାଇବେ, ଏମାନେ ଜାଣି ନ ଥିବାବେଳେ ବାରମ୍ବାର ବ୍ଲକ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ ଏମାନଙ୍କୁ କେବେ ଭତ୍ତା ମିଳିବ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇପାରିନାହିଁ। ଏପରିକି ପଞ୍ଚାୟତରେ ଭତ୍ତା ପାଉଥିବା ଯୋଗ୍ୟ ହିତାଧିକାରୀଙ୍କ ମୃତ୍ୟୁ ହେଲାପରେ ସେହି ସ୍ଥାନରେ ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ପ୍ରଦାନ କରି ସାନ୍ତ୍ୱନା ଦିଆଯାଉଛି।

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଥିବା ଆବେଦନକାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇଛି। ନିର୍ବାଚନ ସାରିବାଠାରୁ ଆବେଦନକାରୀଙ୍କୁ ଦୁଇ ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଏହି ଆବେଦନକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ବିଶେଷ ସୂତ୍ରରୁ ଜଣାଯାଇଛି ଯେ ନୂତନ ସରକାର ଆସିବାଠାରୁ ବେତନଟୀ ବ୍ଲକ କାର୍ଯ୍ୟାଳୟକୁ ଟାର୍ଗେଟ୍ ଆସି ନ ଥିବାରୁ ଭତ୍ତା ଆବେଦନକାରୀ ଭତ୍ତା ପାଇବାରେ ବିଳମ୍ବ ହୋଇଛି। ଏ ସମ୍ପର୍କରେ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ଶଶାଙ୍କ ଶେଖର କରଙ୍କୁ ପଚାରିବାରୁ ସେ କହିହନ୍ତି, ସରକାର ନିର୍ବାଚନ ପୂର୍ବରୁ ୩୦୦୦ ଟଙ୍କା ଭତ୍ତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ତାହା ତ ଦେବା ଦୂର କଥା ୧୦୦୦ ଟଙ୍କା ଭତ୍ତା ଦେବା ପାଇଁ ଚଳିତ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି ଜଣେ ହିତାଧିକାରୀ ସୁକୁଲ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମାଞ୍ଚଳରେ ବୃଦ୍ଧବୃଦ୍ଧା ଅଭାବୀ ସଂସାର ମଧ୍ୟରେ ଦିନ କାଟୁଛନ୍ତି। ସେମାନେ ଅର୍ଥ ଅଭାବରୁ ଅସୁସ୍ଥ ହେଲେ ଔଷଧ କିଣି ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ୬୦ ବର୍ଷ ପୂରଣ ହେବା ମାତ୍ରେ ଭତ୍ତା ଟଙ୍କା ସରକାର ପ୍ରଦାନ କଲେ ସବୁ ହିତାଧିକାରୀ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ବଡସାହି ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସାଉନା ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକ ପକ୍ଷରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପଠାଯାଇଛି। ଟାର୍ଗେଟ ଆସିବା ପରେ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସିଟିଜି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର,୮।୬(ସମିସ): କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ପ୍ରଫେସନାଲ କଲେଜରେ ଚେୟାରମ୍ୟାନ୍ ରୋଟାରିୟାନ୍ ରାଜେନ୍ଦ୍ର ପଲେଇଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଶିକ୍ଷାନିକେତନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରିନ୍ସପାଲ ମାନସ ରଞ୍ଜନ ମହାପାତ୍ର ସମସ୍ତ ସଫଳଗାମୀ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ମହାନ୍ତି, ଆସୋସିଏଟ୍ ପ୍ରଫେସର ଇକୋନୋମିକ ପୂଜା ଅର୍ଚ୍ଚନା ମିଶ୍ର, ଆସୋସିଏଟ୍ ପ୍ରଫେସର କମର୍ସ ରୁପାଲି ଟୁଡୁ, ଡିଏସ୍‌ଓ ଦେବଯାନୀ ଦାଶ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇଂରାଜୀ ବିଭାଗର ଅଧ୍ୟାପିକା ସୁଶ୍ରୀ ଆୟୁସି ପାଲ ଏବଂ ତାଙ୍କୁ ସହଯୋଗ କରିଥିଲେ ସିଟିଜିର ମମତାମୟୀ ଜେନା। ସମସ୍ତ ପିଲାମାନଙ୍କୁ ଗାଉନ, ମାନପତ୍ର ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶ୍ରୀମାନ ରାଜୀବ ଧନ୍ୟବାଦ ଅର୍ପଣ କରିଥିଲେ।

### ମୋରଡ଼ା ଥାନା ଅଧିକାରୀଙ୍କ ଧମକ ପରେ ନାବାଳିକା ଚେତାଶୂନ୍ୟ ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କଲେ ପୀଡ଼ିତା ପରିବାର

- ନ୍ୟାୟ ନ ମିଳିଲେ ରାଷ୍ଟ୍ରପତିଙ୍କ ବାସଭବନ ସମ୍ମୁଖରେ ଧାରଣା ଚେତାବନୀ
- ଥାନା ଅଧିକାରୀଙ୍କ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବି
- ଥାନା ଅଧିକାରୀଙ୍କ ପାଇଁ ମନ୍ତ୍ରୀଙ୍କ ଭାବମୂର୍ତ୍ତି ବିଗୁଡ଼ିଛି

ବାରିପଦା/ମୋରଡ଼ା, ୮ ।୬(ସମିସ): ସୋମବାର ବାରିପଦା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ମୋରଡ଼ାର ବିବାଦୀୟ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୀଡ଼ିତା ନାବାଳିକା ପରିବାର। ଏଥିସହ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପୀଡ଼ିତା ପରିବାରଙ୍କ ଲିଖିତ ଅଭିଯୋଗ ମୁତାବକ ମେ ୧୬ ତାରିଖ ଦିନ ତାଙ୍କର ୧୫ ବର୍ଷୀୟ ନାବାଳିକା ଝିଅକୁ ଦୀର୍ଘଦିନ ଧରି ଜଣେ ଯୁବକ ହଇରାଣ କରୁଥିବା ସମ୍ପର୍କରେ ମୋରଡା ଥାନାକୁ ଲିଖିତ ଅଭିଯୋଗ କରିବାକୁ ସେ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ ପ୍ରଥମେ ଅଭିଯୋଗକୁ ନେବାକୁ ମନା କରିବା ସହିତ



ନାବାଳିକା ଝିଅକୁ ଏକାକୀ ତାଙ୍କ ଚାମ୍ବର ଭିତରକୁ ଦୁଇଥର ତଦନ୍ତ ଆଳରେ ଡାକି କୌଣସି ମହିଳା ପୁଲିସ କର୍ମଚାରୀ ନ ଥାଇ ତାଙ୍କ ଅଫିସ ମଧ୍ୟରେ ଅଭିଯୁକ୍ତଙ୍କ ସହିତ ରାଜନୈତିକ ଦଳର ଲୋକଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାରର ଧମକ ଚମକ ଦେବା ସହିତ କେଶ କଲେ ୭ ବର୍ଷ ଜେଲ ପଠାଇଦେବେ ବୋଲି ଧମକ ଦେଇଥିଲେ। ଫଳରେ ନାବାଳିକା ଝିଅ ଦୌଡ଼ି ଦୌଡ଼ି ଆସି ଆମ ସମ୍ମୁଖରେ 'ବଞ୍ଚାଓ ମୋ' କ୍ୟାରିୟର ବରବାଦ ହୋଇଗଲା, ମୋତେ ଥାନାବାବୁ ୭ ବର୍ଷ ଜେଲ ପଠାଇ ଦେବେ' କହି ଚେତାଶୂନ୍ୟ ହୋଇଯାଇଥିଲେ। ତା'ପରେ ଚେତାଶୂନ୍ୟ ନାବାଳିକାକୁ ପ୍ରଥମେ କିଶାନତାଣ୍ଡି ପରେ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ତାଙ୍କ ଉପରେ ଘଟିଥିବା ସମସ୍ତ ଅତ୍ୟାଚାର ସମ୍ପର୍କରେ ପୀଡ଼ିତା ପରିବାର ପ୍ରଥମେ ମୟୂରଭଞ୍ଜ ଏସପିଙ୍କୁ ମେ ୨୬ ତାରିଖରେ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ଓ ସେ ଅଭିଯୋଗ ଗ୍ରହଣ କରି ବେତନଟୀ ଏସଡିପିଓଙ୍କୁ ୫ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଇତିମଧ୍ୟରେ ୧୨ ଦିନ ବିତିବା ପରେ ନ୍ୟାୟ ନ ପାଇ ଜିଲ୍ଲାପାଳଙ୍କ ଅନୁମତି ନେଇ ପୀଡ଼ିତା ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମେ' ୧୬ ତାରିଖ ଦିନ ରାତି ୮ଟାରୁ ୧୦ଟା ୩୦ ମଧ୍ୟରେ ଥାନା ପରିସରରେ ଥିବା ସିସିଟିଭି ଫୁଟେଜ ଓ ଓଡିଓ ରେକର୍ଡିଂକୁ ଯାଞ୍ଚ କଲେ ସମସ୍ତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି କହିବା ସହ ଥାନା ଅଧିକାରୀଙ୍କୁ ସେଠାରୁ ବଦଳି ଓ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କଥା ପୀଡ଼ିତା ପରିବାର ପ୍ରକାଶ କରିଛନ୍ତି। ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ଦୀର୍ଘଦିନ ଧରି ଭାରତୀୟ ଜନତା ପାର୍ଟିର ସକ୍ରିୟ ସଦସ୍ୟ ଭାବେ ଚିତ୍ରଡା ପଞ୍ଚାୟତରେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଏତେ ସବୁ ଘଟଣା ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କୌଣସି ପ୍ରକାର ସହାୟତା କିମ୍ବା ବିବାଦୀୟ ଥାନା ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଯାହାଫଳରେ ମନ୍ତ୍ରୀଙ୍କ ଭାବମୂର୍ତ୍ତି ବିଗିଡ଼ିବାରେ ଲାଗିଛି।

## ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଶୁକ୍ଳି, ୮ ।୬(ସମିସ): ରରୁଆଁ ବ୍ଲକର ସଦର ମହକୁମାରେ ଥିବା ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ନାୟକଙ୍କ ଦେହାନ୍ତ ପରେ ଏହି ପଦ ଖାଲି ପଡ଼ିଥିଲା। ପରେ ଶୁକ୍ଳି ପିଏସ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଘଣା ରରୁଆଁ ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଆଜି ବିଭାଗୀୟ ଆଦେଶ ପାଇ ସୁଭଦ୍ରା ମହାନ୍ତ ରରୁଆଁ ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ଅତିରିକ୍ତ ଦାୟିତ୍ୱରେ ଥିବା ଶରତ ଚନ୍ଦ୍ର ଘଣା, କ୍ରୀଡ଼ା ଶିକ୍ଷକ ସୁଧାରଞ୍ଜନ ମହାକୁଡ଼, ଶିକ୍ଷୟିତ୍ରୀ ବବିତା ଦାସ, ଶିକ୍ଷକ ରାଜେନ୍ଦ୍ର ସାର, ଏସଏମସି ସଦସ୍ୟ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନେଇଥିବା ଶୁଭଦ୍ରା ମହାନ୍ତଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଦ୍ୟାଳୟର ଉନ୍ନତି, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି।

## ବସୁନ୍ଧରା ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ




ବାରିପଦା, ୮ ।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ବାରିପଦାର ବସୁନ୍ଧରା ଫାଉଣ୍ଡେସନ କେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାରିପଦା ମ୍ୟୁନିସପାଲିଟିର ୨୨ନଂ ୱାର୍ଡର ରଘୁନାଥପୁର ଏଫଏସଟିପିଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଆଧ୍ୟାତ୍ମିକ ସଂଗଠନ 'ଶ୍ରଦ୍ଧା ସବୁରି' ସହିତ ଏଫଏସଟିପି ରଘୁନାଥପୁର ୱାର୍ଡ ନମ୍ବର ୨୨ର ସଦସ୍ୟା ସହଯୋଗ କରିଥିଲେ। ଏଫଏସଟିପି ସଦସ୍ୟା ନିରୁପମା ସ୍ୱାଇଁ, ମନ୍ଦାକିନୀ ବେହେରା, ସୁନି ହାଁସଦା, ଶିବାନୀ ସିଂଙ୍କ ସହିତ ସୌଭାଗ୍ୟବତୀ ଭଞ୍ଜଦେଓ ଓ କମଳାବାଳା ବେହେରା ଉପସ୍ଥିତ ଥିଲେ। ଶେଷରେ ବିଏଫସିସିଟିର ଅଧ୍ୟକ୍ଷା ଶ୍ରୁତି ରାଉତରାୟ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଲାଗି ବୃକ୍ଷର ଭୂମିକା ସହିତ ଆମ ଜୀବନ କିଭଳି ଜଡ଼ିତ, ସେ ବିଷୟରେ ବାର୍ତ୍ତା ଦେବା ସହିତ ସଦସ୍ୟା ଦୀପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆ ଏନ୍ଏସି ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ, ୮।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନଏସି ପକ୍ଷରୁ ବିଭିନ୍ନ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଏନଏସି ଉପାଧ୍ୟକ୍ଷ ସ୍ୱରୂପ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଶ୍ରୀମତୀ ଇଏନ୍ଏସ୍ ପ୍ରିୟଙ୍କା, ଶ୍ରୀମତୀ କଳ୍ପନା ପାତ୍ର ଓ ଶ୍ରୀମତୀ ସୁଲୋଚନା ପୋଥାଳ ଯୋଗଦେଇ ପରିବେଶ ସଂରକ୍ଷଣ ନିମନ୍ତେ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ। ଏ ଅବସରରେ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଓ ସବୁଜ ପରିବେଶ ଗଠନ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ପରିବେଶର ସନ୍ତୁଳନ ରକ୍ଷା ଓ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ମୟୂରଭଞ୍ଜ ଅବସରପ୍ରାପ୍ତ ପୁଲିସ ଅଫିସର ସଂଘର ଶୋକସଭା



ବାରିପଦା, ୮ ।୬(ସମିସ): ରବିବାର ମୟୂରଭଞ୍ଜ ଅବସରପ୍ରାପ୍ତ ପୁଲିସ ଅଫିସର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାରିପଦାସ୍ଥ ତକତପୁର ଅଞ୍ଚଳର ରୁଚି ଗେଷ୍ଟ ହାଉସରେ ପୂର୍ବତନ ଏସ୍ପି ଦିଲ୍ଲୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସଂଘର ସମ୍ପାଦକ ସତ୍ୟନାରାୟଣ ସିଂହ ଓ ଗୋପୀନାଥ ସାମଲଙ୍କ ବିୟୋଗରେ ଉପସ୍ଥିତ ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଥିଲେ। ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ଭଗବାନଙ୍କ ନିକଟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ, ସାଙ୍ଗଠନିକ ସୁଦୃଢ଼ୀକରଣ ଓ ଭବିଷ୍ୟତ କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପସ୍ଥିତ ସଦସ୍ୟମାନେ ସଂଘର କଲ୍ୟାଣମୂଳକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ଉପରେ ମତ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ କୁମାରୀ ବେହେରା ନୂତନ ସଦସ୍ୟ ଭାବେ ସଂଘରେ ଯୋଗଦାନ କରିଥିବାବେଳେ ସମସ୍ତ ସଦସ୍ୟ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସଂଘର ଐକ୍ୟ, ସହଯୋଗ ଓ ସେବା ମନୋଭାବକୁ ଆହୁରି ସୁଦୃଢ଼ କରିବା ପାଇଁ ସର୍ବସମ୍ମତିକ୍ରମେ ଆହ୍ୱାନ ଜଣାଇଥିଲେ।

## ସରିଲା ଦେବ ପାହାଡ଼ି ଗୁମ୍ଫା ବାର୍ଷିକ ପୂଜା ମହୋତ୍ସବ



କରଞ୍ଜିଆ, ୮।୬(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ବୋଲା ପଞ୍ଚାୟତର ବାଘଦଫା ଗ୍ରାମ ଚାମ୍ପିସାହି ନିକଟସ୍ଥ ପବିତ୍ର ଦେବ ପାହାଡ଼ି ଗୁମ୍ଫାଠାରେ ୧୮ଟି ମୌଜାର ଆରାଧ୍ୟ ଦେବଦେବୀଙ୍କ ବାର୍ଷିକ ପୂଜା ଓ ହୋମଯଜ୍ଞ ସପ୍ତାହବ୍ୟାପୀ ଅନୁଷ୍ଠିତ ହୋଇ ଶେଷ ହୋଇଛି। ଗତ ରବିବାର ଆରମ୍ଭ ହୋଇଥିବା ଏହି ଧାର୍ମିକ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଭୋଗ, ନୈବେଦ୍ୟ ଅର୍ପଣ କରିବା ସହ ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜା ଓ ହୋମଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୁରୁଷ ଦେହୁରୀ ଭାବେ କୁରୁଳିଆ ଗ୍ରାମର ନୀଳମଣି ଦେହୁରୀ, ମହିଳା ଦେହୁରୀ ଭାବେ ନନ୍ଦିନୀ ଦେହୁରୀ ଓ ସହାୟକ ଦେହୁରୀ ଭାବେ ବାଇଧର ଦେହୁରୀ ଯୋଗ ଦେଇଥିଲେ। ବେଦ ମନ୍ତ୍ର ଓ ଧାର୍ମିକ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ, ଶିମିଳିପାଳ ଓ ଏହା ପାଦଦେଶରେ ଅବସ୍ଥିତ ୧୮ଟି ପ୍ରମୁଖ ଦେଉଳ ମଧ୍ୟରୁ ଦେବ ପାହାଡ଼ି ଗୁମ୍ଫା ଅନ୍ୟତମ। ଏଠାରେ ନିଷ୍ଠାର ସହ ପୂଜାର୍ଚ୍ଚନା କଲେ ମନୋକାମନା ପୂରଣ ହେବା ସହ ଅଞ୍ଚଳ ଉପରେ ଆସୁଥିବା ଦୁର୍ବିପାକ ଓ ବିଭିନ୍ନ ବିପଦ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ପ୍ରତିବର୍ଷ ଏଠାରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ଉଦ୍‌ଯାପନୀ ଦିବସରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ତାଙ୍କ ସହ ବହୁ ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବ ଅଞ୍ଚଳରେ ଧାର୍ମିକ ସମ୍ପ୍ରୀତି ଓ ଭକ୍ତିଭାବର ପରିବେଶ ସୃଷ୍ଟି କରିଥିଲା।

## +୨ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୮।୬ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ କୋଚିଂ ସେଣ୍ଟର ପକ୍ଷରୁ +୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁନୀଲ କୁମାର କର ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ ଯୋଗ ଦେଇଥିଲେ। ବିଶେଷ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀରମୋହନ ମହାପାତ୍ର ଓ ଭାସ୍କର ମହାପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ତିରିଂ ବିଏଲଓ ଗୋବର୍ଦ୍ଧନଭୋଇ, ସାମ୍ବାଦିକ ମେଘନାଦ ସାହା ଓ ମୁଚିରାମ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ +୨ ବିଜ୍ଞାନ ବିଭାଗ କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କନିକା ସୋରେନ, ପାର୍ବତୀ ହେମ୍ବ୍ରମ, ରାଜଶ୍ରୀ ସାହୁ, ରାଇମାତ ସୋରେନ, ପ୍ରିୟଙ୍କା ତାମୁଡିଆ, କାପୁରା ମାଝୀ, ସୁଭଦ୍ରା ମୁଣ୍ଡାରୀ, ସଲମା ଟୁଡୁ, ପାର୍ବତୀ ବାସ୍କେ ଓ ବାସନ୍ତୀ ହାଁସଦା ପ୍ରମୁଖଙ୍କୁ ତାଙ୍କ ସଫଳତା ପାଇଁ ଫୁଲତୋଡା ଓ ମେଡାଲ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌତମ ଭୋଇ, ସୁମିତ୍ରା ମହାନ୍ତ, ସାନୁ ଗିରି ଓ ଅଭିଷେକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପରଲୋକ

ରାସଗୋବିନ୍ଦପୁର, ୮।୬(ସମିସ):ରାସଗୋବିନ୍ଦପୁର ଗ୍ରାମର ସମାଜସେବୀ ରାଜେନ୍ଦ୍ର ବାରିକଙ୍କ ୬୬ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅରବିନ୍ଦ ବାରିକ, ବୋହୂ ଗାୟତ୍ରୀ ଦାସ, ନାତି ଅନୁରାଗ ବାରିକ, ଝିଅ ନିବେଦିତା ବାରିକ ଓ ବଡ଼ଭାଇ ପ୍ରଫୁଲ୍ଲ ବାରିକଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି।

## ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ଉଦ୍‌ଯାପିତ




ବଡ଼ସାହି, ୮ ।୬(ସମିସ): ବାଣୀପୀଠ ଦ୍ୱାରା ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀର ମିଳିତ ଆନୁକୂଲ୍ୟରେ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ବଡ଼ସାହି ବିବେକାନନ୍ଦ ବିହାରଠାରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରଥମେ ଶିଶୁ ଶିବିରାର୍ଥୀଙ୍କ ଗଳ୍ପ ଲିଖନ କର୍ମଶାଳା ଓ ପରେ ଶିଶୁ ସାହିତ୍ୟିକଙ୍କ ଦ୍ୱାରା ଗଳ୍ପ ଲିଖନ କର୍ମଶାଳା ସବିତା ମହାନ୍ତି, ଜାହ୍ନବୀରାଣୀ ଦଣ୍ଡପାଟ, ଶୁଭଜିତ୍ ଶୁଭଙ୍କର ରାଉତ ଓ ବୀଣାପାଣି ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ କର୍ମଶାଳା ନିରୀକ୍ଷକ ଭାବେ ହରିହର ମହାନ୍ତ, ନିରୋଦ ସୁନ୍ଦର ଜେନା, ରତିକାନ୍ତ ବେହେରା ଓ ବେଣୁଧର ଜେନା ଯୋଗ ଦେଇଥିଲେ।

ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ତଥା ଶିଶୁ ସାହିତ୍ୟିକା ପ୍ରମିଳା ପଣ୍ଡା ଯୋଗଦାନ କରି ଗଳ୍ପ ଲିଖନ କର୍ମଶାଳା ହେଉଛି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହିତ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶର ଏକ କାର୍ଯ୍ୟଧାରା ବୋଲି ମତବ୍ୟକ୍ତ କରିଥିଲେ। ବହିଘରର ସଭାପତି ଗାଳ୍ପିକ ଅଭୟ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ବରେଣ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଡକ୍ଟର ଅଶ୍ୱିନୀ କୁମାର ଶତପଥୀ ଓ ଆଦରଣୀୟ ଅତିଥି ଭାବେ କଟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସହକାରୀ ରେଜିଷ୍ଟ୍ରାର ଶିଶୁ ସାହିତ୍ୟିକ ତ୍ରିଲୋଚନ ଗୁରୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକା ପ୍ରତୀମା ପଣ୍ଡା ଓ ଶିଶୁ ସାହିତ୍ୟିକ ସତ୍ୟବ୍ରତ ମିଶ୍ର ଯୋଗଦାନ କରି ଲୋକଙ୍କ ଭିତରେ ଗଳ୍ପ ଲେଖିବାର ସ୍ପୃହା କମି ଆସୁଥିବାବେଳେ ଶିଶୁମାନଙ୍କ ଭିତରେ ଏହି କଳାକୁ ଉଜ୍ଜୀବିତ କରିବା ଏକ ମହାନ କାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟିକା ଭାବେ ମା'ନିଶାମଣି ରାଉତ ଯୋଗଦାନ କରିଥିବାବେଳେ ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବଙ୍କିମଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମୟୂରଭଞ୍ଜରୁ ପ୍ରକାଶିତ ହେଉଥିବା ଏକମାତ୍ର ଓଡ଼ିଆ ଶିଶୁ ପତ୍ରିକା 'ଆମ ସୁନାଚାନ୍ଦ' ରଜ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ତିନିଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁଜୀ ସୌମ୍ୟରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

କୁଆମରା, ୮ ।୬(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ସରକାର ଉଚ୍ଚବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟରେ ଉକ୍ତ ବ୍ଲକରେ ଏକମାତ୍ର କୁଶଳଦାଠାରେ ପ୍ରତିଷ୍ଠା ହେବ। କୁଶଳଦା ହାଇସ୍କୁଲର ନୂତନ ପ୍ରଧାନଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବରିଷ୍ଠ ବିଜେପି କର୍ମୀ ପ୍ରଭାତ ପରିଡ଼ା, ଶିକ୍ଷାବିତ ସନାତନ ଜେନା, ପୁରାତନ ଛାତ୍ର ସଂଘର ସମ୍ପାଦକ ରବିକାନ୍ତ ମହାପାତ୍ର, ବିଆରସିସି କୁଳମଣି ନାଏକ, ସରପଞ୍ଚ ଦୀପାଲି ସିଂ, ସମିତି ସଭ୍ୟ ରାମଚନ୍ଦ୍ର ସିଂ, ସିଆରସିସି କରୁଣାକର ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା, ବିଦ୍ୟାଳୟର ଭିତ୍ତିଭୂମି ସହ ସ୍ମାର୍ଟ କ୍ଲାସରୁମ, ଲାଇବ୍ରେରୀ, ମଧ୍ୟାହ୍ନଭୋଜନ ନିମନ୍ତେ ଆଧୁନିକ




ଗୃହ, ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ ପାଇଁ ଖେଳ ପଡ଼ିଆ ଆଦି ସୁବିଧା ମିଳିପାରିବ। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଜଙ୍ଗଲ ସମ୍ପଦ ହ୍ରାସ ଓ କଟକଣାର ପ୍ରଭାବ

# ଏବେ ପାଟିରେ ବାଜୁନି ଜାମୁକୋଳିର ସ୍ୱାଦ

ବଡ଼ସାହି, ୮।୬(ସମିସ): ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ବନବାସୀ ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି। ଜଙ୍ଗଲରେ ଥିବା ବୃକ୍ଷଲତାରୁ ବିଭିନ୍ନ ଫଳମୂଳ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ଋତୁଭିତ୍ତିକ ଫଳ ଖାଇବାକୁ ଲୋକେ ବେଶ ଆଗ୍ରହ ପ୍ରକାଶ କରିଥା'ନ୍ତି। ବର୍ତ୍ତମାନ ଏହା ପୂର୍ବପରି ବଜାରରେ ମିଳୁ ନ ଥିବା ଦେଖିବାକୁ ମିଳିଛି। ଏ ସମୟରେ ଜଙ୍ଗଲରୁ ମିଳୁଥିବା ଫଳ ମଧ୍ୟରେ ଜାମୁକୋଳି ଅନ୍ୟତମ। ଆଷାଢ ଶେଷ ଆଡ଼କୁ ଜାମୁକୋଳି ପାଚିଥାଏ। ଆଦିବାସୀମାନେ ଜଙ୍ଗଲରୁ ପାଚିଲା ଜାମୁକୋଳି ସଂଗ୍ରହ କରି ବଜାରରେ ବିକ୍ରି କରିଥା'ନ୍ତି। କାଳିଜାମୁକୋଳିରେ ଥିବା ଔଷଧୀୟ ଗୁଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

- ବୁଡ଼ିଯାଉଛି ଆଦିବାସୀଙ୍କ ପାରମ୍ପରିକ ଜୀବିକା

ଏଥିଲାଗି ଲୋକେ ଋତୁ ଅନୁସାରେ ଜାମୁକୋଳି କିଣି ଖାଇଥା'ନ୍ତି। ଦିନ ଥିଲା ଜଙ୍ଗଲରୁ ପ୍ରଚୁର ଜାମୁକୋଳି ମିଳୁଥିଲା। ଏହାକୁ କେତେବେଳେ ଓଜନରେ ତ କେତେବେଳେ କେନ୍ଦୁପତ୍ରରେ ଠୁଳି କରି ବିକ୍ରି କରୁଥିଲେ। ଜଙ୍ଗଲ ସମ୍ପଦ ହ୍ରାସ, ଜଙ୍ଗଲକୁ ଯିବାରେ କଟକଣା ଆଦି କାରଣରୁ ଆଦିବାସୀ ପରିବାର ଏବେ ଜାମୁକୋଳି ସଂଗ୍ରହଠାରୁ ପ୍ରାୟତଃ ଦୂରେଇ ଗଲେଣି। କାଁ ଭାଁ କେତେକ ବ୍ୟକ୍ତି



ଜଙ୍ଗଲ ତଳି ଇଲାକା, ଗ୍ରାମ୍ୟ ଜଙ୍ଗଲ ଓ ଘରବାଡ଼ିରୁ ଜାମୁକୋଳି ସଂଗ୍ରହ କରି ଏବେ ବିକ୍ରି କରୁଛନ୍ତି।

ବଡ଼ସାହି ବଜାରରେ ଜଣେ ଆଦିବାସୀ ଅମଳ ହୋଇଥିବା ନୂଆ ଜାମୁକୋଳି ଆଣି ବିକ୍ରି କରୁଥିବାରୁ ତାଙ୍କ ପାଖରେ ଗ୍ରାହକଙ୍କ ବେଶ୍ ଭିଡ଼ ଜମିଥିଲା। ଗତ କିଛିଦିନ ହେବ ବଡ଼ସାହି ବଜାର ଓ ବିଭିନ୍ନ ହାଟକୁ ଜାମକୋଳି ବିକ୍ରି ଆସୁଥିବା ଦେଖିବାକୁ ମିଳୁଛି। କିଲୋ ପ୍ରତି ୭୦/୮୦ ଟଙ୍କାରେ ଏହା ବିକ୍ରି ହେଉଛି। ପାହାଡ଼ିଆ ଜାମୁକୋଳିର ଆକାର ବଡ଼। ଗ୍ରାମ୍ୟ ଜଙ୍ଗଲରେ ମିଳୁଥିବା ଜାମୁକୋଳିର ଆକାର ଛୋଟ। ଗଛ ପାଚିଲା ଜାମୁକୋଳିର ସ୍ୱାଦ ନିଆରା। କଞ୍ଚା ଆଣି ଘରେ କୃତ୍ରିମ ଉପାୟରେ ପଚାଇଲେ, ଏହା ସ୍ୱାଦର ଭିନ୍ନ ହୋଇଥାଏ। ପରିଶ୍ରମ ଅନୁସାରେ ଅର୍ଥ ମିଳୁ ନ ଥିବାବେଳେ ଲୋକେ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ପରିବର୍ତ୍ତେ କାମଧନ୍ଦା ଖୋଜିବା ଲାଗି ପଡ଼ୋଶୀ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। କାମଧନ୍ଦା ନ ପାଇ ବେକାର ବସୁଥିବା ଲୋକେ ଲୁଚିଛପି ଜଙ୍ଗଲରୁ ଫଳ ସଂଗ୍ରହ କରି ବିକ୍ରି କରୁଛନ୍ତି। କାଠ ମାଫିଆ ଏସବୁ ଗଛ କାଟି ନେବାରୁ ଏବେ ଆବଶ୍ୟକ ଅନୁସାରେ ଜାମୁକୋଳି ମିଳୁନି। ଏଥିଲାଗି ଗଛ ପାଚିଲା ଜାମୁକୋଳି ଏବେ ଦୁର୍ଲଭ ହେଲାଣି। ଆୟୁର୍ବେଦ ଡାକ୍ତର ସନତ କୁମାର ଦାଶ କୁହନ୍ତି, ଜାମୁକୋଳିରେ ଯଥେଷ୍ଟ ଔଷଧୀୟ ଗୁଣବତ୍ତା ରହିଛି। ଏହି ଫଳ ଓ ତା'ର ମଞ୍ଜି ଖାଇଲେ ମଧୁମେହ ରୋଗରୁ ଉପଶମ ମିଳିଥାଏ ଓ ଡାଇରିଆ ରୋଗୀଙ୍କ ପାଇଁ ଜାମୁକୋଳି ଗଛର ଅଗପତ୍ର ଔଷଧ ଭାବେ କାମ କରିଥାଏ। ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ବହୁ ଦରକାରୀ ଗଛ ନଷ୍ଟ ହୋଇଯାଉଛି। ଏବେ ଜଙ୍ଗଲରେ ଜାମୁକୋଳି ସହିତ ବିଭିନ୍ନ ଋତୁଭିତ୍ତିକ ଫଳ ଗଛ ଲଗାଇବାକୁ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

